# ଏକକ -୫ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣର କୌଶଳ-୧

ଟିପ୍ପଣୀ

## ସଂରଚନା

**୫.୦.** ଉପକ୍ରମ

**୫.୧** ଶିକ୍ଷଣ ଉଦ୍ଦେଶ୍ୟ

**୫.୨** ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ (U.E.E.)

**୫.୩** ବିଭିନ୍ନ ରାଜ୍ୟରେ ପ୍ରାରମ୍ଭିକ ଶିକ୍ଷାରେ ସାର୍ବଜନୀନକରଣ ପାଇଁ ଚାଲିଥିବା ପ୍ରକଳ୍ପ

- **୫.୩.୧** ଉତ୍ତର ପ୍ରଦେଶର ମୌଳିକ ଶିକ୍ଷା ପ୍ରକଳ୍ପ (UP-BEP)
- **୫.୩.୨** ବିହାର ଶିକ୍ଷା ପ୍ରକଳ୍ପ (BEP)
- **୫.୩.୩** ଲୋକ ଜମ୍ବିସ୍
- **୫.୩.୪** ଶିକ୍ଷା କର୍ମୀ
- **୫.୩.୫** ମହାରାଷ୍ଟ୍ରରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପ
  - **୫.୩.୫.୧** ପଛୁଆ ଜାତିର ପିଲାମାନଙ୍କ ନିମନ୍ତେ ଯୋଜନା
  - **୫.୩.୫.୨** ବାଳିକାମାନଙ୍କ ନିମନ୍ତେ ଯୋଜନା
  - **୫.୩.୫.୩** ଆର୍ଥୀକ ଦୃଷ୍ଟିରୁ ପଛୁଆ ବର୍ଗର ପିଲାମାନଙ୍କ ପାଇଁ ଯୋଜନା
  - **୫.୩.୫.୪** ଦୂରରେ ରହୁଥିବା ପିଲାମାନଙ୍କ ପାଇଁ ଯୋଜନା
  - **୫.୩.୫.୫** ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କ ପାଇଁ ପରିଯୋଜନା
  - **୫.୩.୫.୬** ବିଶେଷ ଲକ୍ଷ୍ୟ ସମୂହଙ୍କ ପାଇଁ ପରିଯୋଜନା

**୫.୪** ଡ଼ି.ପି.ଇ.ପି. (ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ)

- **୫.୪.୧** ଡି.ପି.ଇ.ପି.ର ଉଦ୍ଦେଶ୍ୟ
- **୫.୪.୨** ଡି.ପି.ଇ.ପି.ର ମୁଖ୍ୟ ଉପାଦାନ
- **୫.୪.୩** ଡି.ପି.ଇ.ପି.ର କାର୍ଯ୍ୟାନ୍ୱୟନ ଯୋଜନା
- **୫.୪.୪** ଉପକୌଶଳ ଏବଂ କାର୍ଯ୍ୟାବଳୀ
- **୫.୪.୫** ଡି.ପି.ଇ.ପି. କାର୍ଯ୍ୟକ୍ରମର ୟୁ.ଇ.ଇ. ଉପରେ ପ୍ରଭାବ

**୫.୫** ସାରାଂଶ

**୫.୬** ଶବ୍ଦକୋଷ / ସଂକ୍ଷେପଣ

**୫.୭** ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

**୫.୮** ପାଠାନ୍ତ ପ୍ରଶ୍ନାବଳୀ



ଟିପ୍ପଣୀ

## ୫.୦ ଉପକ୍ରମ

ଯେପରିକି ଆପଣ ମାନେ ଜାଣନ୍ତି ଯେ ଭାରତବର୍ଷରେ ପ୍ରାରମ୍ଭିକ ଶିକ୍ଷା ନିର୍ଦ୍ଧାରଣ ତଥା ଯୋଜନାର ସର୍ବାଧିକ ଅଂଶବିଶେଷ ହେଉଅଛି - ପ୍ରାଥମିକ ଶିକ୍ଷା। ଶିକ୍ଷାର ଦାୟିତ୍ୱ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର। ସ୍ୱାଧୀନତା ପରବର୍ତ୍ତୀ କାଳରେ ରାଜ୍ୟସରକାରଙ୍କ ଉପରେ ଶିକ୍ଷାପ୍ରଦାନର ଦାୟିତ୍ୱ ରହିଅଛି। ୧୯୮୬ ରେ କେନ୍ଦ୍ର ସରକାର ରାଷ୍ଟ୍ରୀୟ ଶିକ୍ଷାନୀତି ଅନ୍ତର୍ଗତ ଅନେକ ପ୍ରାୟୋଜିତ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଯାହାର ଫଳ ସ୍ୱରୂପ ଦେଶରେ ପ୍ରାରମ୍ଭିକ ଶିକ୍ଷାର ସ୍ଥିତିରେ ସୁଧାର ଆସିଅଛି। ଆସନ୍ତୁ ଭାରତର ପ୍ରାରମ୍ଭିକ ଶିକ୍ଷାର ବର୍ତ୍ତମାନର ସ୍ଥିତି କିପରି ଅଛି ଜାଣିବା। ଏହି ସନ୍ଦର୍ଭରେ ଭାରତର ଶିକ୍ଷାର ସ୍ଥିତି ଓ ରାଜ୍ୟର ଶିକ୍ଷାର ସୁଧାର ନିମନ୍ତେ କ'ଣ ସବୁ କରାଯାଇଅଛି ସେହି ବିଷୟରେ ଜାଣିବା। ଏହି ଅଧ୍ୟାୟରେ ଏହିସବୁ ପ୍ରଶ୍ନ / ବିଷୟର ଅବତାରଣା କରାଯାଇଅଛି। ଏହାଛଡ଼ା ଆପଣ ମଧ୍ୟ ଶିକ୍ଷାର ବିଭିନ୍ନ ପଦ୍ଧତି ବିଷୟରେ ଅଧ୍ୟୟନ କରିବେ। ପ୍ରାରମ୍ଭିକ ଶିକ୍ଷାର ବିକାଶ ନିମନ୍ତେ ସଚେତନତା ସୃଷ୍ଟି ପାଇଁ ରାଜ୍ୟ ସରକାର କି କି ପଦକ୍ଷେପ ନେଇଛନ୍ତି ତାହା ମଧ୍ୟ ଆମ୍ଭେମାନେ ଜାଣିବା।

## ୫.୧ ଶିକ୍ଷଣ ଉଦ୍ଦେଶ୍ୟ :

ଏହି ଅଧ୍ୟାୟ ପାଠକରି ଆପଣ

- ମହାରାଷ୍ଟ୍ର ରାଜ୍ୟର ଜି.ଇ.ଆର୍. (Gross Enrolment Ratio) ମୋଟାମୋଟି ନାମଲେଖା ଅନୁପାତ, ଏନ୍.ଇ.ଆର୍. (Net Enrolment Ratio) ଅନୁସାରେ ଆପଣ ନିଜ ରାଜ୍ୟର ପ୍ରାରମ୍ଭିକ ଶିକ୍ଷାର ବର୍ତ୍ତମାନ ସ୍ଥିତିର ଏକ ରିପୋର୍ଟ ପ୍ରସ୍ତୁତ କରିପାରିବେ।
- ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ (Universalization) ସନ୍ଦର୍ଭରେ ବିଭିନ୍ନ ରାଜ୍ୟ ସ୍ତରୀୟ ପ୍ରକଳ୍ପର ପରୀକ୍ଷା ମଧ୍ୟ କରିପାରିବେ।
- ଆପଣ ଆପଣଙ୍କ ରାଜ୍ୟର ବିଭିନ୍ନ ଯୋଜନା ଏବଂ ପରିଯୋଜନା (Plans and Projects) ର ସାର୍ବଜନୀନତାର ପ୍ରଗତିର ସମୀକ୍ଷା କରିପାରିବେ।



ଟିପ୍ପଣୀ

- ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ନିମନ୍ତେ ଡ଼ି.ପି.ଇ.ପି. (District Primary Education Programme) ମାଧ୍ୟମରେ କରାଯାଇଥିବା ବିଭିନ୍ନ ପଦକ୍ଷେପକୁ ଆପଣ ଏକ ତାଲିକା କରି ବର୍ଣ୍ଣନା କରିପାରିବେ ।
- ଆମ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡ଼ି.ପି.ଇ.ପି. ଯୋଜନାରେ ସାର୍ବଜନୀନ ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ପ୍ରଭାବର ତୁଳନା ମଧ୍ୟ ଆପଣ କରିପାରିବେ ।

## ୫.୨ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ (UEE)

ଆପଣ ନିଶ୍ଚୟ ଅବଶ୍ୟ ଜାଣିବେ ଯେ ଆମ ରାଜ୍ୟର ପ୍ରତି ପିଲାର ପ୍ରାରମ୍ଭିକ ଶିକ୍ଷା ନିମନ୍ତେ ଯେଉଁ ବାଧାବିଘ୍ନ ଆସିବ ତାକୁ ସାମନା କରିବା ପାଇଁ କଠିନ ପରିଶ୍ରମର ଆବଶ୍ୟକତା ରହିଅଛି । ରାଜ୍ୟଭେଦରେ ପିଲାମାନଙ୍କର ବିଦ୍ୟାଳୟକୁ ଆସିବା ନିମନ୍ତେ ଭିନ୍ନ ଭିନ୍ନ ସମସ୍ୟା ରହିଅଛି । ଆଗକୁ ବଢ଼ିବା ନିମନ୍ତେ ନିମ୍ନରେ ଦିଆଯାଇଥିବା ଉଦାହରଣ ଗୁଡ଼ିକ ଆସନ୍ତୁ ଦୃଷ୍ଟିପାତ କରିବା –

ପ୍ରକାଶ ଗାନ୍ଧି ପାଟିଲ ତୁକମା ଜିଲ୍ଲା ମୋହାଡ଼ି ଗାଁର ଏକ ଚତୁର୍ଥଶ୍ରେଣୀରେ ପଢୁଥିବା ପିଲା । ତା'ର ଛୋଟ ଭାଇ ଦ୍ୱିତୀୟ ଶ୍ରେଣୀରେ ପଢୁଥିଲା ଏବଂ ତା'ର ବଡ ଭଉଣୀ ୬ଷ୍ଠ ଶ୍ରେଣୀରେ ପଢୁଥିଲା । ପ୍ରକାଶର ବାପା ଗଣେଶ କମାର ଭାବେ କାମ କରନ୍ତି ଓ ବଳଦର ପାଦର ନାଲ ଲୁହାରେ ତିଆରି କରନ୍ତି । ଆଖୁ କଟାଳି ବଳଦଗାଡ଼ିରେ ଆଖୁ ବୋହିବା ପାଇଁ କମାର ପାଖକୁ ଆସନ୍ତି ବଳଦର ନାଲ ନେବାପାଇଁ । ଏହାଦ୍ୱାରା ଗଣେଶକୁ ଅଧିକ କାମ ମିଳିଥାଏ । ପ୍ରାୟ ଆଖୁକଟାଳିଙ୍କ ସହ ଗଣେଶ ପ୍ରାୟ ୬ ମାସ ରହିଥାଏ । ପରିବାରର ସଦସ୍ୟ ମାନେ ମଧ୍ୟ ଗଣେଶକୁ ଦୀପାବଳି ପୂର୍ବରୁ କାରଖାନା ଥିବା ସ୍ଥାନରେ ଦେଖିପାରନ୍ତି । ପ୍ରକାଶ ନିଜ ପାଠପଢ଼ା ଜାରି ରଖିବା ପାଇଁ ଜିଲ୍ଲା ପରିଷଦ ବିଦ୍ୟାଳୟକୁ ଯିବାକୁ ଚାହୁଁଥିଲା । ଗ୍ରାମର ସ୍କୁଲରୁ ଜିଲ୍ଲା ପରିଷଦର ବିଦ୍ୟାଳୟକୁ ଟ୍ରାନ୍ସଫର କରିବା ପାଇଁ ସମସ୍ୟା ଥିବାରୁ ତାହାର ଦୁଇଟି ବର୍ଷ ନଷ୍ଟ ହେଲା । ଏଥିପାଇଁ ନିମ୍ନରେ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକ ଦେଖନ୍ତୁ ଓ କ'ଣ କରାଯାଇପାରିବ ଭାବନ୍ତୁ –

- ପ୍ରକାଶ ଭାବୁଚି କି ତା'ର ପାଠପଢ଼ା ବନ୍ଦ କରିଦବ ଏବଂ ନିଜ ବାପାଙ୍କ ବ୍ୟବସାୟରେ ଯୋଗଦେବ ।



ଟିପ୍ପଣୀ

- ଆପଣ ପ୍ରକାଶର ବାପାଙ୍କୁ କିପରି ବୁଝାଇବେ କି ସେ କିପରି ପ୍ରକାଶର ପାଠ ବନ୍ଦ ନ କରନ୍ତୁ ଓ ପ୍ରକାଶର ପାଠ ପଢ଼ା ଚାଲିଥାଉ।

ଏହି ପ୍ରକାର ସମସ୍ୟାକୁ ସମାଧାନ କରିବାକୁ ଯାଇ ମହାରାଷ୍ଟ୍ର ସରକାର ବିସ୍ଥାପିତ ପିଲାମାନଙ୍କର ପାଠପଢ଼ା ବନ୍ଦ ନ କରିବା ପାଇଁ ୨୦୦୧ ଦ୍ୱିତୀୟ ସେମିଷ୍ଟର ସ୍କୁଲ ଆରମ୍ଭ କଲେ। ଏହି ସ୍କୁଲ ଶିକ୍ଷାବର୍ଷର ଦ୍ୱିତୀୟାର୍ଦ୍ଧରେ ହିଁ ଚାଲେ। ସାଧାରଣତଃ ଗ୍ରୀଷ୍ମଋତୁର ଛୁଟି ପରେ ଭାରତବର୍ଷରେ ବିଦ୍ୟାଳୟ ସବୁ ଖୋଲେ। ଆଖୁ ପେଡ଼ିବା ପାଇଁ ଚାଷୀପରିବାର ସହିତ ଅକ୍ଟୋବରରୁ ନଭେମ୍ବର ପର୍ଯ୍ୟନ୍ତ ଆଖୁକାରଖାନା ନିକଟରେ ରହିଥାଏ। ଏଣୁ ପିଲାମାନେ ଏହି ସମୟରେ ସ୍କୁଲ ଯାଇ ପାରନ୍ତି ନାହିଁ। ପରବର୍ଷ ମାର୍ଚ୍ଚ/ଏପ୍ରିଲ ମାସରେ ଯେତେବେଳେ ଚାଷୀମାନେ ପରିବାର ସହ ଗାଁ କୁ ଫେରନ୍ତି। ସେମାନଙ୍କ ପିଲାମାନେ ନିଜ ପାଠପଢ଼ା ଅପ୍ରେଲ ମାସ ପୂର୍ବରୁ ଆରମ୍ଭ କରିପାରନ୍ତି ନାହିଁ। ସେମାନେ ଯେଉଁଠାରେ ପାଠ ଛାଡ଼ିଥିଲେ ସେହିଠାରୁ ପାଠ ପଢ଼ିବାର ସୁଯୋଗ ନ ପାଇବାରୁ ତାଙ୍କର ବିଦ୍ୟାଳୟରୁ ନାଁ କଟିଯାଇଥାଏ।

ଦ୍ୱିତୀୟ ସେମିଷ୍ଟାର ସ୍କୁଲରେ ଅନୁପସ୍ଥିତି ସମୟ (ପ୍ରାୟ ୬ ମାସ) କୁ ଭରଣା କରିବା ପାଇଁ ଏହିଭଳି ପିଲାମାନଙ୍କ ପାଇଁ ସେମାନଙ୍କ ପରିବାର ରହୁଥିବା ସ୍ଥାନରେ ସ୍କୁଲ (ଦ୍ୱିତୀୟ ସେମିଷ୍ଟାର ସ୍କୁଲ) ଚଳାଇବା ସରକାରଙ୍କର ଏକ ଅଭିନବ ଉଦ୍ୟମ।

ଏହି ଅଧ୍ୟୟନର ଫଳସ୍ୱରୂପ ଆମ୍ଭେମାନେ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ (UEE) ନିମ୍ନଭାବରେ ପ୍ରକାଶିତ କରିପାରିବା।

ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣର ଅଭିପ୍ରାୟ ପିଲାମାନଙ୍କର ବିଶିଷ୍ଟ ଆବଶ୍ୟକତା ସ୍ଥାନ ନିର୍ବିଶେଷରେ ମିଳିବାର ଆବଶ୍ୟକତା ରହିଅଛି।

ଭାରତବର୍ଷରେ ସ୍କୁଲ ଶିକ୍ଷାକୁ ମୁଖ୍ୟତଃ ନିମ୍ନଲିଖିତ ଭାବରେ ବର୍ଗୀକରଣ କରାଯାଇପାରେ।

| | | |
|---|---|---|
| ପ୍ରାରମ୍ଭିକ ଶିକ୍ଷା | - ପୂର୍ବ ବିଦ୍ୟାଳୟ ଶିକ୍ଷା | ୩ ରୁ ୬ ବର୍ଷ ବୟସ |
| | - ପ୍ରାଥମିକ ଶିକ୍ଷା (ଶ୍ରେଣୀ ୧ ରୁ ୫) | ୬ ରୁ ୧୧ ବର୍ଷ ବୟସ |
| | - ଉଚ୍ଚ ପ୍ରାଥମିକ ଶିକ୍ଷା | ୧୧ ରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ |

ମାଧ୍ୟମିକ ଶିକ୍ଷା - ମାଧ୍ୟମିକ ଶିକ୍ଷା (ଶ୍ରେଣୀ ୯ ରୁ ୧୦) ୧୫ ରୁ ୧୬ ବର୍ଷ ବୟସ


- ଉଚ୍ଚ ମାଧ୍ୟମିକ ଶିକ୍ଷା (ଶ୍ରେଣୀ ଏକାଦଶ ରୁ ଦ୍ୱାଦଶ) ୧୭ ରୁ ୧୮ ବର୍ଷ ବୟସ

ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷାକୁ ପ୍ରାରମ୍ଭିକ ଶିକ୍ଷା କୁହାଯାଏ। ପ୍ରାଥମିକ ଶିକ୍ଷା ଆମ ଶିକ୍ଷାପ୍ରଣାଳୀ ପିରାମିଡ଼ (ସୂଚୀସ୍ତମ୍ଭ)ର ଆଧାର ଅଟେ। ଯାହା ଉପରେ ୧୦ମ ପଞ୍ଚବାର୍ଷିକ ଯୋଜନାରେ ସର୍ବଶିକ୍ଷା ଅଭିଯାନରେ ବିଶେଷ ଦୃଷ୍ଟି ଦିଆଯାଇଅଛି। ସର୍ବଶିକ୍ଷା ଅଭିଯାନରେ ସବୁ କ୍ଷେତ୍ରରେ ପ୍ରାରମ୍ଭିକ ବିଦ୍ୟାଳୟର ସୁଗମତା ଆସିଅଛି। ଯାହାର ଫଳ ସ୍ୱରୂପ ପ୍ରାରମ୍ଭିକ ଶିକ୍ଷାର ମାର୍ଗକୁ ସୁଗମ କରାଯାଇ ପାରିଛି।

## ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ତଥା ଏହାର ପକ୍ଷ

ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ନିମ୍ନଲିଖିତ ଭାବରେ ପରିଭାଷିତ କରାଯାଇପାରେ।

'ପ୍ରତ୍ୟେକ ବ୍ୟକ୍ତିକୁ ନିଜେ ନିଜକୁ ଶିକ୍ଷିତ କରିବା ପାଇଁ ବିଦ୍ୟାଳୟର ଉପଲବ୍ଧିତା ତଥା ପଢ଼ିବା ପାଇଁ ସମାନ ସୁଯୋଗ। ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନତା ନିମିତ୍ତ ତିନି ପକ୍ଷ (three aspects) ରହିଅଛି। ଯାହା ନିମ୍ନ ଚିତ୍ରରେ ପ୍ରଦର୍ଶିତ ହୋଇଅଛି –




(Fig 5.1)

ଟିପ୍ପଣୀ

## ପ୍ରାରମ୍ଭିକ ଶିକ୍ଷା

ସାର୍ବଜନୀନ ସୁବିଧା ପହଞ୍ଚ ଏବଂ ନାମଲେଖା (Universal Access and Enrollment) : ଭାରତ ସରକାର ନିକଟରେ ଯୋଜନା କରିଅଛନ୍ତି କି ପ୍ରତି ଏକ କିଲୋମିଟର ବ୍ୟବଧାନରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପନା କରି ପିଲାମାନଙ୍କର ସୁଗମତାକୁ ଗୁରୁତ୍ୱ ଦେଇଅଛନ୍ତି। ବର୍ଷ ଆରମ୍ଭରେ ବିଦ୍ୟାଳୟଦ୍ୱାରା ଏକ କି.ମି. ପରିସର ମଧ୍ୟରେ ଥିବା ପିଲାମାନଙ୍କର ପରିବାରର ସର୍ଭେ କରାଯିବ। ଯେଉଁ ପିଲାମାନଙ୍କର ବିଦ୍ୟାଳୟକୁ ଆସିବାର ବୟସ ହୋଇଥିବ ସେମାନଙ୍କର ଦୁଇଟି ପୃଥକ ତାଲିକା କରାଯିବ। ପ୍ରଥମ ତାଲିକା– ଯେଉଁ ପିଲାମାନେ ବିଦ୍ୟାଳୟ ଯିବାକୁ ଇଚ୍ଛୁକ ଥିବେ। ଦ୍ୱିତୀୟ ତାଲିକା – ଯେଉଁ ପିଲାମାନେ ବିଦ୍ୟାଳୟକୁ ଯିବେନାହିଁ ଅଥବା ଯିବାକୁ ଅନିଚ୍ଛୁକ ଥିବେ। ଉଭୟ ପ୍ରକାର ପିଲା କିପରି ବିଦ୍ୟାଳୟକୁ ଆସିବେ, ସେ ସଂକ୍ରାନ୍ତରେ ଉଦ୍ୟମ କରାଯିବ। ବିଦ୍ୟାଳୟ ଖୋଲିବା ମାତ୍ରେ ଏକ ସପ୍ତାହ ପର୍ଯ୍ୟନ୍ତ ରେଜିଷ୍ଟ୍ରେସନ୍ ଚାଲୁରହିବ। ଏହାଦ୍ୱାରା ବିଦ୍ୟାଳୟ ଆସିବାକୁ ଯୋଗ୍ୟ ସମସ୍ତ (୧୦୦%) ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିବା ସମ୍ଭବ ହେବ।

**ଉପସ୍ଥିତି (Attendance) ଏବଂ ଅବଧାରଣ (Retention)**

ଏହା ଜଣାଯାଏ ଯେ କି ବିଦ୍ୟାଳୟରେ ପଞ୍ଜିକୃତ ସମସ୍ତ ପିଲା ୧୪ ବର୍ଷ ପର୍ଯ୍ୟନ୍ତ ସ୍କୁଲରେ ପାଠ ପଢ଼ିବାରେ ସୁଯୋଗ ଦେବା ଓ ସେମାନେ କିପରି ପାଠ ପଢ଼ିବେ ଓ ବିଦ୍ୟଳୟ ନଛାଡ଼ିବେ ସେଥିପ୍ରତି ଯତ୍ନଶୀଳ ହେବା ଶିକ୍ଷା ବ୍ୟବସ୍ଥାର ମୂଳ ଲକ୍ଷ। ଏପରି ପରିବାର ସବୁ ଅଛନ୍ତି ଯେଉଁ ପରିବାରର ପିଲାଙ୍କୁ (୧) ଦୈନିକ ଉପସ୍ଥିତ ଭତ୍ତା (୨) ଯାତାୟତ ଖର୍ଚ୍ଚ (୩) ମାଗଣା ମଧ୍ୟାହ୍ନ ଭୋଜନ ଭଳି ସୁବିଧାମାନ ଦିଆଯାଉଅଛି। ଏହା ସହିତ ତାହାର ଉପସ୍ଥିତି ପାଇଁ ଆଗ୍ରହ ନିମିତ୍ତ ନୂଆ ଶିକ୍ଷଣ ବିଧିର ପ୍ରୟୋଗ କରାଯିବ।

- ଶିକ୍ଷାର ଗୁଣବତ୍ତା (Quality of Education) – ଏହାର ଅର୍ଥ ଏହିକି ପିଲାର ଆବଶ୍ୟକତା, ଚାହିଦା ଓ ଯୋଗ୍ୟତା ଅନୁସାରେ ଉଚ୍ଚକୋଟୀର ଶିକ୍ଷା ବ୍ୟବସ୍ଥା କରାଯିବ। ଯେପରିକି ପିଲା ସର୍ବନିମ୍ନ ଶିକ୍ଷାସ୍ତର (Minimum Levels of Learning) ପ୍ରାପ୍ତ ହେବ ବା ଲାଭ କରି ପାରିବ। ଗୁଣାତ୍ମକ ଶିକ୍ଷା ପାଇଁ ବିଦ୍ୟାଳୟରେ ସର୍ବନିମ୍ନ ଆବଶ୍ୟକତା ପାଇଁ ବିଦ୍ୟାଳୟରେ ସର୍ବନିମ୍ନ ଆବଶ୍ୟକତା ଯେପରି ଶୁଦ୍ଧ ପିଇବା ପାଣି, ଶୌଚାଳୟ, ଅଧ୍ୟାପକ, ପ୍ରଶିକ୍ଷିତ ଶିକ୍ଷକ ତଥା ଆନୁପାତିକ ଛାତ୍ର ଶିକ୍ଷକ ହାରରେ ସୁଧାର ଅଣାଯିବ।

ଟିପ୍ପଣୀ

କ୍ରିୟାକଳାପ – ୧ (Activity -1) : ମନେକରନ୍ତୁ କୌଣସି ସ୍କୁଲରେ ସଞ୍ଜୀବ ଓ ତାହାର ଭଉଣୀ ପ୍ରତ୍ୟେକ ଶନିବାରରେ ଅନୁପସ୍ଥିତ ରହୁଛନ୍ତି ଓ ଏଥିପାଇଁ ଶିକ୍ଷକଙ୍କୁ କିଛି ନା କିଛି ବାହାନା କରୁଛନ୍ତି। ଜଣେ ଦାୟିତ୍ୱବାନ ଶିକ୍ଷକ ଭାବରେ ଏଥି ନିମିତ୍ତ ପ୍ରଥମେ ଆପଣ କି ପଦକ୍ଷେପ ନେବେ। କି କି ଯାଞ୍ଚ / ଖୋଳତାଡ କରିବେ।

### ୫.୩.୧ ବିଭିନ୍ନ ରାଜ୍ୟରେ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ନିମନ୍ତେ ଆବଶ୍ୟକ ପ୍ରକଳ୍ପ ବିଧି (Project Mode)

ଏକବିଂଶ ଶତାବ୍ଦୀର ଆରମ୍ଭ ପୂର୍ବରୁ ଭାରତ ସରକାର ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ନିଃଶୁଳ୍କ ବାଧ୍ୟତା ମୂଳକ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣର ଆଶ୍ୱାସନା ଦେଇଅଛନ୍ତି। ଏହି ଆଶ୍ୱାସନା ରାଷ୍ଟ୍ରୀୟ ଶିକ୍ଷାନୀତି – ୧୯୮୬ ତଥା ସଂଶୋଧିତ ରାଷ୍ଟ୍ରୀୟ ଶିକ୍ଷାନୀତି – ୧୯୯୨ ଅନୁସାରେ ଦିଆଯାଇଅଛି। ଏହାକୁ ପ୍ରାପ୍ତ କରିବା ନିମିତ୍ତ ଏହି ବାଧ୍ୟତାମୂଳ ନିଃଶୁଳ୍କ ଶିକ୍ଷାକୁ ଏକ ମିଶନ (Mission) ଭାବେ ନିଆଯାଇଅଛି। ଯାହାର ଅର୍ଥଥିଲା ପରିଯୋଜନାର ସ୍ୱଷ୍ଟ ଲକ୍ଷ୍ୟ ପୂର୍ବ ନିର୍ଦ୍ଧାରିତ ହେବା ବାଞ୍ଛନୀୟ। କାର୍ଯ୍ୟକ୍ଷେତ୍ର ଓ ଏହାର ହାସଲ ନିମିତ୍ତ ସମୟସୀମା ନିର୍ଦ୍ଧାରିତ କରାଯାଇଅଛି। ଏହା ସହିତ ଏହାର ଫଳାଫଳକୁ ପ୍ରାପ୍ତ କରିବାର ପରିମାପ ଓ ପ୍ରତ୍ୟେକ ପଦକ୍ଷେପ ପରେ ସହାୟତା ପ୍ରଦାନ କରାଯିବ।

### ଉତ୍ତର ପ୍ରଦେଶର ମୌଳିକ ଶିକ୍ଷା ପରିଯୋଜନା (UP-BEP)

ଉତ୍ତରପ୍ରଦେଶ ସରକାର ୧୯୯୩ରେ ବିଶ୍ୱ ବ୍ୟାଙ୍କର ସହାୟତାରେ ମୌଳିକ ଶିକ୍ଷା ପରିଯୋଜନା ଆରମ୍ଭ କଲେ। ଏହି ପରିଯୋଜନାର ଦାୟିତ୍ୱ ‘‘ସମସ୍ତଙ୍କ ପାଇଁ ଶିକ୍ଷା ପରିଯୋଜନା ପରିଷଦ’’ ନାମକ ସଂସ୍ଥାକୁ ପ୍ରଦାନ କରାଗଲା।

### ପରିଯୋଜନାର ଉଦ୍ଦେଶ୍ୟ :

- ମୌଳିକ ଶିକ୍ଷାର ସାର୍ବଜନୀନକରଣ ଦୁଇଟି ମୁଖ୍ୟ ବିଷୟ ଉପରେ ଆଧାରିତ ଥିଲା :
  ୧) ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରାଯିବାର ଆବଶ୍ୟକତା।
  ୨) ସାର୍ବଜନୀନ ଭାଗିଦାରୀ : ଔପଚାରିକ (Formal), ଅନୌପଚାରିକ (Non-formal)



ଟିପ୍ପଣୀ

- ନବଯୁବକମାନଙ୍କ ନିମିତ୍ତ କୌଶଳ ବିକାଶ (Skill Development) କାର୍ଯ୍ୟକ୍ରମ ।
- ମହିଳା ସଶକ୍ତିକରଣ ତଥା ଶିକ୍ଷାରେ ଅଧିକ ଲିଙ୍ଗଗତ ସମାନତା ।
- ଅନୁସୂଚିତ ଜାତି (SC) ଓ ଅନୁସୂଚିତ ଜନଜାତି (ST) ବର୍ଗର ପିଲାମାନଙ୍କ ପାଇଁ ସମାନ ଶିକ୍ଷା ବ୍ୟବସ୍ଥା ।

**କୌଶଳ (Strategies) :** ଏହି ପ୍ରକଳ୍ପ ଅଧିନରେ ନିମ୍ନ ଲିଖିତ କୌଶଳ ଗ୍ରହଣ କରାଗଲା -

- ଯୋଜନା ପ୍ରଣୟନ ପରିଚାଳନା ତଥା ବୃତ୍ତିଗତ ସହାୟତା (Professional Support) ଦେବା ନିମିତ୍ତ ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ଏକ ଦୃଢ଼ ଢ଼ାଞ୍ଚା କରିବା ପାଇଁ ଏକ ସଂଗଠନ ସ୍ଥାପନ କରାଗଲା ।
- ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ନିମ୍ନଲିଖିତ ତଥ୍ୟ ଉପରେ ଦୃଷ୍ଟି ଦିଆଯିବା ଉଚିତ –

  କ) ବାଲ୍ୟକାଳ ଶିକ୍ଷାର ପାଠ୍ୟକ୍ରମ

  ଖ) ପାଠ୍ୟ ପୁସ୍ତକ ପୁନର୍ଲିଖନ

  ଗ) ସେବାକାଳୀନ (Inservice) ପ୍ରଶିକ୍ଷଣ

  ଘ) ସ୍ତ୍ରୀ ଏବଂ ବାଳିକାଙ୍କ ଶିକ୍ଷା

  ଙ) ପାଠ୍ୟ ପୁସ୍ତକର ପୁନଃ ସମୀକ୍ଷା

  ଚ) ବିଦ୍ୟାଳୟ ପରିଚାଳନାକୁ ସଶକ୍ତ କରିବା

**କାର୍ଯ୍ୟକଳାପ (Activities) :** ନିମ୍ନ କାର୍ଯ୍ୟକଳାପ ଉପରେ ଧ୍ୟାନ ଦିଆଗଲା ।

- ସାଂସ୍କୃତିକ ଓ ବାର୍ତ୍ତାଳାପ ନିମିତ୍ତ ଶୈକ୍ଷିକ କ୍ରିୟାକଳାପ
- ବିଜ୍ଞାନ ଓ ପର୍ଯ୍ୟାବରଣ
- ସାମାଜିକ ନ୍ୟାୟ ଭାବନାର ନିର୍ମାଣ

**ଅନୁପାଳନ :** ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକଳାପ ଉତ୍ତରପ୍ରଦେଶର ମୋଟ ୬୩ଟି ଜିଲ୍ଲା ମଧ୍ୟରୁ ୧୦ଟି ମୁଖ୍ୟ ଜିଲ୍ଲାରେ ପ୍ରୟୋଗ କରାଯାଇଥିଲା । ଏହି ଜିଲ୍ଲା ଗୁଡ଼ିକ ହେଉଅଛି – ବାରଣାସୀ, ଏଲାହାବାଦ, ବଣ୍ଡା, ଇଟାଓ୍ୱା, ସୀତାପୁର, ଆଲିଗଡ଼, ସାହାରନପୁର, ଗୋରଖପୁର, ପାଉରି, ନୈନିତାଲ ।



ଟିପ୍ପଣୀ

**୫.୩.୨ ବିହାର ଶିକ୍ଷା ପ୍ରକଳ୍ପ (B.E.P.) :** ଏହି ପରିଯୋଜନାର ଉଦ୍ଦେଶ୍ୟ ଥିଲା - ପ୍ରାଥମିକ ଶିକ୍ଷାର ସାର୍ବଜନୀନତା, ଯାହା ରାଜ୍ୟର ଶିକ୍ଷା ବ୍ୟବସ୍ଥାର ସୁଧାର ଉପରେ ଧ୍ୟାନ ଦିଆଯାଇଥିଲା। ଏହି ପ୍ରକଳ୍ପ ଉତ୍ତରପ୍ରଦେଶ ମୌଳିକ ପ୍ରାଥମିକ ଶିକ୍ଷା ପ୍ରକଳ୍ପ ତଥା ଏହାକୁ କାର୍ଯ୍ୟକାରୀ (Implementation) କରୁଥିବା ଏଜେନ୍ସୀ ଉପରେ ଆଧାରିତ ଥିଲା। ଅର୍ଥାତ୍ ବିହାର ଶିକ୍ଷା ପରିଯୋଜନାର ଉତ୍ତର ଦାୟିତ୍ୱ ଉତ୍ତରପ୍ରଦେଶ ମୌଳିକ ଶିକ୍ଷା ପ୍ରକଳ୍ପ (UPBEP)କୁ ସମର୍ପଣ କରାଯାଇଥିଲା। ଏହି ପ୍ରକଳ୍ପ ଭାରତ ସରକାର ଏବଂ ବିହାର ସରକାରଙ୍କର ମିଳିତ ଯୋଜନା ଥିଲା। ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ଥିଲା – ବଞ୍ଚିତ ବର୍ଗଙ୍କ ପାଇଁ ଶିକ୍ଷାର ସୁବିଧା (Education for Deprived Section)। ଏହା ପ୍ରଥମ ପୂର୍ଣ୍ଣ ପରିଯୋଜନା ଥିଲା। ଯାହାର ଆର୍ଥିକ ବ୍ୟବସ୍ଥା ରାଜ୍ୟର ବାହାରୁ କରାଯାଇଥିଲା। ଏହି ବାହ୍ୟ ଅନୁଦାନ ପ୍ରାପ୍ତ ପ୍ରଥମ ପ୍ରକଳ୍ପ। ଏହି ପ୍ରକଳ୍ପ ତିନି ଜିଲ୍ଲା - ରାଞ୍ଚି, ରୋହତକ ଓ ପଶ୍ଚିମ ଚମ୍ପାରନ ୧୯୯୧-୯୨ ବର୍ଷରେ ଆରମ୍ଭ କରାଗଲା। ଏହାପରେ ଚାରିଗୋଟି ଅଧିକ ଜିଲ୍ଲାରେ ପ୍ରକଳ୍ପ ଆରମ୍ଭ କରାଯାଇଥିଲା।

**ପ୍ରକଳ୍ପର ଉଦ୍ଦେଶ୍ୟ :**

- ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନତାକୁ ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାମାନଙ୍କର ସଂଯୁକ୍ତ କାର୍ଯ୍ୟକ୍ରମ (Composite Programme) ଭାବରେ ଗ୍ରହଣ କରାଯାଇଥିଲା, ଯେଉଁଥିରେ ନ୍ୟୁନତମ ଶିକ୍ଷା ଲାଭ (MLL) ପ୍ରତି ଧ୍ୟାନ ଦିଆଯାଇଥିଲା।
- ଶିକ୍ଷା ପଦ୍ଧତିର ଅଭିମୁଖୀକରଣ : ଯେଉଁଥିରେ ମହିଳାମାନଙ୍କର ସଶକ୍ତିକରଣ ଓ ସମାନତାର ଉଦ୍ଦେଶ୍ୟ ପୁରଣ ହୋଇପାରିବ।
- ପ୍ରୌଢ଼ ତଥା ନିମ୍ନ ଜାତିର (ଅଥବା ଜାତିହୀନ) ପିଲାମାନଙ୍କର ଅର୍ଥାତ ସମାଜର ସମସ୍ତ ଗରିବ ପିଲାମାନଙ୍କର ସମାନ ଶିକ୍ଷା ସୁବିଧାର ଉପଯୁକ୍ତ ଉପାୟ କରିବା।
- ଶିକ୍ଷାର ପଞ୍ଜିକରଣ କ୍ଷମତାକୁ ବଢ଼ାଇବା ବିଶେଷତଃ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ବିଦ୍ୟାର୍ଥୀଙ୍କ ଅଧାରୁ ପାଠଛାଡୁଥିବା ପିଲା (Drop-out) କମ କରିବା।



ଟିପ୍ପଣୀ

**କୌଶଳ :**

ଏହି ପରିଯୋଜନାର ଅନ୍ତର୍ଗତ ନିମ୍ନଲିଖିତ କୌଶଳ ପାଳନ କରାଗଲା –

- ପ୍ରାୟ ୧୧,୦୦୦ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ କୋଠରୀ ନିର୍ମାଣ ।
- ପ୍ରାୟ ୧୬,୦୦୦ ଅତିରିକ୍ତ ଶିକ୍ଷକଙ୍କୁ ନିଯୁକ୍ତି
- ନୂତନ ନିଯୁକ୍ତ ଶିକ୍ଷକମାନଙ୍କର ତାଲିମ
- ନୂତନ ଭାବେ ଖୋଲାଯାଇଥିବା ବିଦ୍ୟାଳୟରେ ଆବଶ୍ୟକ ପଠନ ସାମଗ୍ରୀର (Teaching Materials) ଯୋଗାଣ
- ସହଭାଗୀ ଯୋଜନା (Participatory Planning)

**କାର୍ଯ୍ୟାନୁମାନ**

- ମହିଳା ସମକ୍ଷା ଘଟକର କାର୍ଯ୍ୟାନୁମାନ

**କାର୍ଯ୍ୟକଳାପ (Activities) :**

- ଏହି ପ୍ରକଳ୍ପରେ ନିମ୍ନ କାର୍ଯ୍ୟକଳାପ ସବୁ ଗ୍ରହଣ କରାଯାଇଥିଲା ।
- ଗ୍ରାମ ଶିକ୍ଷା ସମିତିର ଆୟୋଜନ (Organization of Village Education Committees) ତଥା ନିମ୍ନତମ ସ୍ଥାନରେ କାର୍ଯ୍ୟକ୍ରମ କାର୍ଯ୍ୟାନୁମାନ ସମୁଦାୟ (Community)ର ଭାଗିଦାରୀତା
- ଏନ୍.ଜି.ଓ. (NGO)ଙ୍କ ମାଧ୍ୟମରେ ଅନୌପଚାରିକ ଶିକ୍ଷା (Non-formal Education)
- ରାଜ୍ୟସ୍ତରୀୟ ୱାର୍କସପ୍‌ର ଆୟୋଜନ ତଥା ଟ୍ରେନିଂ ମୁଖ୍ୟ କାର୍ମିକ (Key Person) ତଥା ପ୍ରାଥମିକ ଅଧ୍ୟାପକଙ୍କୁ ପ୍ରଶିକ୍ଷିତ କରିବା ।
- ମହିଳାଙ୍କ ନିମିତ୍ତ ଜିଲ୍ଲାସ୍ତରରେ କୋରଗ୍ରୁପ ନିର୍ମାଣ ।
- ପୋଷ୍ଟର କାର୍ଯ୍ୟଶାଳା, ଗ୍ରାମୀଣ ପୁସ୍ତକାଳୟର ଅବଧାରଣା (Concept)ର ବିସ୍ତାର ।
- ବିଦ୍ୟାଳୟ ପାଇଁ ମହିଳା ଦଳର ନିମ୍ନ ମୁଖ୍ୟ ଉଦ୍ଦେଶ୍ୟ ଅଟେ – ସ୍ଥାନୀୟ ସ୍ତର ଉପରେ ଉତ୍ତରଦାୟିତ୍ୱ ସ୍ଥାପନ ।



ଟିପ୍ପଣୀ

- ପୂର୍ବ ବାଲ୍ୟକାଳର ଯତ୍ନ ନେବା କ୍ଷେତ୍ରରେ ଭୂମିକା ନିର୍ବାହ କରିବା (ECCE) ତଥା NFE (Non-Formal Education) ଏବଂ ଗ୍ରାମ ଶିକ୍ଷା ସମିତି (VEC)ରେ ଭାଗୀଦାର ହେବା ।
- କାର୍ଯ୍ୟାନ୍ୱୟନ (Implementation) : ଜିଲ୍ଲା ତଥା ରାଜ୍ୟ ସ୍ତରରେ ପ୍ରବନ୍ଧନ ସଂରଚନା, ମହିଳା ସଶକ୍ତି କରଣ, ବିସ୍ତାରିତ ସମୁଦାୟ ସଂଗଠନ, ବେସିକ୍ ଶିକ୍ଷାରେ ଅଧିକ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ରୁଚିର ସମ୍ମିଶ୍ରଣ ପାଇଁ ପଦକ୍ଷେପ ନିଆଗଲା ।
- ଶ୍ରେଣୀ ଗୃହର ଚୟନ (ଛାତ୍ର ସଂଖ୍ୟାନୁସାରେ)
- ପ୍ରବେଶ ସମସ୍ୟା
- ଗ୍ରାମ୍ୟସ୍ତରୀୟ କ୍ଷୁଦ୍ର ଯୋଜନା ପ୍ରକଳ୍ପର ପର୍ଯ୍ୟବେକ୍ଷଣ (Supervision of Project) ଏହି ପରିଯୋଜନା ୧୨ଟି ଜିଲ୍ଲାରେ ଚାଲିଥିଲା ।

**୫.୩.୩** ଲୋକ ଜମ୍ବିସ (Lok Jumbish) : ଲୋକ୍ ଜମ୍ବିସ୍ ସମସ୍ତଙ୍କ ପାଇଁ ଶିକ୍ଷା ଯୋଜନା ପାଇଁ ଲୋକ ଅଭିଯାନ (People's movement for Education for all)

ରାଜସ୍ଥାନ ସରକାର ସ୍ୱେଡ଼ିସ ଇଣ୍ଟରନେସନାଲ ଡେଭଲପମେଣ୍ଟ ଅଥରିଟି (Swedish International Development Authority) ଙ୍କ ସହାୟତାରେ ୧୯୯୨ ମସିହାରେ ଆରମ୍ଭ ହୋଇଥିଲା । ଏହାଥିଲା ମୁଖ୍ୟତଃ ଉଭୟ ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ ତଥା କାର୍ଯ୍ୟାତ୍ମକ ସାକ୍ଷରତା ମାଧ୍ୟମରେ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ଲକ୍ଷ୍ୟକୁ ସନ୍ତୋଷଜନକ ଭାବେ ହାସଲ କରିବା । ସାକ୍ଷରତା ଛଡ଼ା ନାରୀଶିକ୍ଷା ଓ ବିକାଶ, ସାକ୍ଷରତାର ପରବର୍ତ୍ତୀ ଅବସ୍ଥା ଓ ଶିକ୍ଷାର ନିରବଚ୍ଛିନ୍ନତା ରକ୍ଷା ଦ୍ୱାରା ପ୍ରାଥମିକ ଶିକ୍ଷାର ସାର୍ବଜନୀନତାକୁ ପ୍ରାପ୍ତ କରିବା ।

**ପ୍ରକଳ୍ପର ଉଦ୍ଦେଶ୍ୟ (Objective of the Project) :**

- ଲୋକ ସମ୍ପର୍କ ଏବଂ ସେମାନଙ୍କ ଭାଗୀଦାରୀ ଦ୍ୱାରା ୨୦୦୦ ମସିହା ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଶିକ୍ଷା (Education for All)
- ବାଳିକା ଓ ନାରୀମାନଙ୍କ ଉପରେ ବିଶେଷ ଧ୍ୟାନ ଦେବା ସହିତ ପଞ୍ଜିକରଣ (Registration) ବଢ଼ାଇବା
- ନାରୀମାନଙ୍କୁ ଶିକ୍ଷିତ କରାଇ ସେମାନଙ୍କ ସଶକ୍ତ କରିବା ଓ ସମାନତା ହାସଲ କରିବା

ଟିପ୍ପଣୀ

- ନାରୀ (ମହିଳା) ଓ ପୁରୁଷ ଉଭୟଙ୍କର ୧୫ରୁ ୩୫ ବର୍ଷ ଆୟୁପର୍ଯ୍ୟନ୍ତ ୬୦% ପର୍ଯ୍ୟନ୍ତ ସାକ୍ଷରତା ହାର (Literacy) ବଢ଼ାଇବା
- ପ୍ରଶିକ୍ଷଣ ତଥା ବୈଷୟିକ ସମ୍ବଳ ସହାୟକ ସଂରଚନାର ପ୍ରଣାଳୀର ନିର୍ମାଣ କରି ଶିକ୍ଷଣରେ ଗୁଣାତ୍ମକ ବିକାଶ କରାଇବା
- ଯେଉଁଠି ତଥ୍ୟ ସଂଗ୍ରହ କରାଯାଏ ଏବଂ ତାହାର ଉପଯୋଗ ସେହିମାନଙ୍କ ଦ୍ୱାରା କରାଯାଇଥାଏ ସେଥିରେ ପାରଦର୍ଶିତା ସୁନିଶ୍ଚିତ କରାଇବା
- ମୁଖ୍ୟ ଅବୟବ (Main Components) କାର୍ଯ୍ୟକ୍ରମର ଆରମ୍ଭ କରିବା ତଥା ତାହାର ପରିଚାଳନା କରିବା ନିମନ୍ତେ ସ୍ୱୟଂଶାସିତ ସଂସ୍ଥାର ନିର୍ମାଣ କରିବା ଯେଉଁଥିରେ ସଶକ୍ତ ସମିତି ଯାହା ଉନ୍ନତିର ପୁନଃ ନିରୀକ୍ଷଣ କରିବ
- ସ୍କୁଲ୍ ମ୍ୟାପିଙ୍ଗ୍ ଏବଂ କ୍ଷୁଦ୍ର ଯୋଜନା ଲୋକ ଜାମ୍ବିସ (Lok Jambish) ର ମୁଖ୍ୟ ସଂଚାଳନାତ୍ମକ ଲକ୍ଷଣ (Operational Feature)କୁ ନିରୂପଣ କରୁଅଛନ୍ତି। ଏହି କାର୍ଯ୍ୟ ସାମାଜିକ କାର୍ଯ୍ୟକର୍ତ୍ତାମାନ (Social animators) ଅଧ୍ୟାପକ ତଥା ଲୋକ ଜମ୍ବିସର କାର୍ଯ୍ୟ କର୍ତ୍ତାମାନେ (Lok Jumbish Functionaries)ଙ୍କ ଦ୍ୱାରା ଶିକ୍ଷା ମୂଲ୍ୟାୟନ କରାଯାଇଥାଏ, ଯାହାଦ୍ୱାରା ପ୍ରତିପିଲାର ବ୍ୟକ୍ତିଗତ ପ୍ରଗତିର ଅବସ୍ଥା ଜଣାଯାଏ।

**କାର୍ଯ୍ୟନୀତି (Strategies) :**

ନିମ୍ନ ସ୍ତରରେ ଏକ କ୍ରିୟାବିଧି ଅର୍ଥାତ୍ ଏକ ରଚନାତନ୍ତ୍ର (Mechanism) କରାଗଲା। ଯେପରି ପ୍ରେରକ ଦଳ ଭବନ ନିର୍ମାଣ ସମିତି, ଗ୍ରାମ ଶିକ୍ଷା ସମିତି, କ୍ଲଷ୍ଟର, ଖଣ୍ଡ ସ୍ତରୀୟ ଶୈକ୍ଷିକ ପ୍ରବନ୍ଧନ ସମିତି (Block level management) ତଥା ବ୍ଲକ ଷ୍ଟିଅରିଂ ସମୂହ, ଯେଉଁମାନେ ପ୍ରୟୋଗ ନିମିତ୍ତ ପାଞ୍ଚଟି ଜିଲ୍ଲାରେ କାର୍ଯ୍ୟକ୍ରମକୁ ସହାୟତା ଦେଉଥିଲେ ତଥା ମନିଟର କରୁଥିଲେ।

- ମହିଳା ମାନଙ୍କ ଭାଗିଦାରୀ ସୁନିଶ୍ଚିତ କରିବା ନିମିତ୍ତ ଅଧ୍ୟାପକ ମଞ୍ଚ ନିର୍ମାଣ କରାଗଲା
- ସବୁସ୍ତରରେ କାର୍ଯ୍ୟକର୍ତ୍ତାମାନଙ୍କର ସଂଖ୍ୟାକୁ ବଢ଼ାଇବା ଯାହାଦ୍ୱାରା ସେହି ସବୁ ସ୍ତରରେ କାର୍ଯ୍ୟକର୍ତ୍ତା (Functionaries)ଙ୍କ ଠାରେ ପୂର୍ଣ୍ଣ ଉତ୍ତର ଦାୟିତ୍ୱ (Matrix System of Management)ର ନିର୍ବାହ ହୋଇପାରିବ।
- ଆଞ୍ଚଳିକ ତଥା ବ୍ଲକରେ ସବୁ କାର୍ଯ୍ୟକର୍ତ୍ତାଙ୍କର ସମୀକ୍ଷା ସଭା (Review Planning Meeting) ସବୁର ଆୟୋଜନ ପ୍ରତିମାସରେ କରାଯାଉଥିଲା, ଯାହାଦ୍ୱାରା ପୂର୍ବମାସର

ଟିପ୍ପଣୀ

ପୁନଃ ନିରୀକ୍ଷଣ କରାଯାଉଥିଲା । ଆଗାମୀ ମାସର ଯୋଜନାର ଶେଷ କାର୍ଯ୍ୟଧାରା ପ୍ରସ୍ତୁତ କରାଯାଉଥିଲା ।

- ପ୍ରବେଶ ଉତ୍ସବ (Pravesh Utsab) : ପ୍ରବେଶ ଉତ୍ସବ ଏପରି ଏକ କାର୍ଯ୍ୟକ୍ରମ ଯାହା ମାଧ୍ୟମରେ ପିଲାମାନଙ୍କର ଏବଂ ଗୋଷ୍ଠୀ (community) ମାନଙ୍କ ମଧ୍ୟରେ ସୃଜନାତ୍ମକ (creative) ବା ସକରାତ୍ମକ ବାତାବରଣର ନିର୍ମାଣ କରାଯାଇଥାଏ ।
- ଏହି ପରିଯୋଜନାରେ ସମ୍ମିଳିତ କାର୍ଯ୍ୟକ୍ରମ ନିମ୍ନରେ ଦିଆଯାଇଥିବା ସାରଣୀ (Table) 5.1ରେ ଦର୍ଶାଯାଇଅଛି ।

| | |
|---|---|
| ଜନଜାତି ପିଲାମାନଙ୍କ ନିମିତ୍ତ ହଷ୍ଟେଲ | ପିଲାମାନଙ୍କର ଶିକ୍ଷାର ଆବଶ୍ୟକତା ଯେଉଁମାନେ ଦୂରରେ ରହନ୍ତି କିମ୍ବା ନିୟମିତ ସ୍କୁଲ ଆସିପାରନ୍ତି ନାହିଁ । |
| ମହିଳା ଶିକ୍ଷା ବିହାର | ୧୫+ ବୟସର ଛାତ୍ରୀମାନଙ୍କର ନିମିତ୍ତ (ବିଦ୍ୟାଳୟରେ ନଥିବା) ଆବଶ୍ୟକ ପାଠ୍ୟକ୍ରମ ଚଳାଇବା ଯେଉଁଥିରେ ଗ୍ରାମରୁ ଆସିଥିବା ଶିକ୍ଷାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନର ବ୍ୟବସ୍ଥା ହୋଇପାରିବ । |
| ବାଳିକା ଶିକ୍ଷା ବିହାର | ୯+ ବୟସର ବିଦ୍ୟାଳୟ ଛାଡ଼ିଥିବା ଛାତ୍ରୀମାନଙ୍କ ପାଇଁ ୬ ରୁ ୮ ମାସର ଆବାସିକ କ୍ୟାମ୍ପ ଚଳାଇବା ଯାହାଦ୍ୱାରା ଆବାସିକ ଶିକ୍ଷା ପାଇଁ ସେମାନଙ୍କୁ ଯୋଗ୍ୟ ବିବେଚିତ କରିବା । |
| ମୁକ୍ତାଙ୍ଗନ | ଏହି କାର୍ଯ୍ୟକ୍ରମ ସେହି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ଯେଉଁମାନେ କିଷନଗଞ୍ଜ ବ୍ଲକର କ୍ଲଷ୍ଟରରେ ରହୁଥିଲେ । |
| ମଦରସେ | ଭରତପୁର କମନ ବ୍ଲକର ମୁସଲମାନ ପିଲାମାନଙ୍କ ପାଇ ଚାଲୁଥିଲା । |
| ସହଜ ଶିକ୍ଷା କେନ୍ଦ୍ରର ସଂସ୍ଥାନୀକରଣ | ଏହି କାର୍ଯ୍ୟକ୍ରମ ଶ୍ରମିକ ଛାତ୍ରମାନଙ୍କର ଶିକ୍ଷା ନିମିତ୍ତ ଏକ ଭିନ୍ନ ଶିକ୍ଷାଳୟ (Non-formal Education) ବ୍ୟବସ୍ଥା ଅଟେ |
| ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ | ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଦ୍ୟାଳୟର ପିଲାମାନଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଜାଗରୁକତା (Awareness) ଉତ୍ପନ୍ନ କରିବା । |
| ଅଙ୍ଗନବାଡ଼ିକେନ୍ଦ୍ର | ଏହା ପୂର୍ବ ପ୍ରାଥମିକ (Pre-Primary) ବିଦ୍ୟାଳୟ ଶିକ୍ଷାକୁ ମଜବୁତ କରିବା ତଥା ଏହାର ସମ୍ବନ୍ଧ ପ୍ରାଥମିକ ଶିକ୍ଷା ସହ ଯୋଡ଼ିବା ।<br>ଉତ୍ତର ପ୍ରଦେଶ ଦ୍ୱାରା ସମର୍ଥିତ NGO 'Bihan' (ବିହାନ) ରେ ୨୪୫ ଅଙ୍ଗନବାଡ଼ି କେନ୍ଦ୍ରର ଉତ୍ତରଦାୟିତ୍ୱ ନେଇଅଛି । |

Table 5.1.2 ପ୍ରକଳ୍ପରେ ଥିବା କାର୍ଯ୍ୟକଳାପ (ଲୋକ ଜମ୍ବିସ)

ଟିପ୍ପଣୀ

**୫.୩.୪ ଶିକ୍ଷାକର୍ମୀ ପ୍ରକଳ୍ପ** - ଏହା ଏକ ଶୈକ୍ଷିକ କାର୍ଯ୍ୟକ୍ରମ ଅଟେ ଯାହା ରାଜସ୍ଥାନ ସରକାର ୧୯୮୭ରୁ Swedish International Development Authority (SIDA) ର ସହାୟତାରେ ଶିକ୍ଷାକର୍ମୀ ବୋର୍ଡ ମାଧ୍ୟମରେ ଚଳାଇଥିଲା।

ପ୍ରକଳ୍ପର ଅନ୍ତର୍ଗତ ଶିକ୍ଷକମାନଙ୍କ ଅନୁପସ୍ଥିତି ପ୍ରତି ଧ୍ୟାନ ଦିଆଗଲା, ଯାହା ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନତାର ଏକ ମୁଖ୍ୟ ପ୍ରତିବନ୍ଧକ ଥିଲା। ତଦନୁସାରେ ଏକ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କୁ ବିଦ୍ୟାଳୟରେ (One teacher School) ସ୍ଥାପନ କରିବାର ବିଚାର କରାଗଲା, ଯାହାଙ୍କ ସହିତ ଦୁଇଜଣ ସ୍ଥାନୀୟ ନିବାସୀ (ଶିକ୍ଷାକର୍ମୀ) ସହାୟତା କରିବା ନିମିତ୍ତ ନିଯୁକ୍ତ ହେଲେ।

ସ୍ଥାନୀୟ ବ୍ୟକ୍ତି (ଶିକ୍ଷାକର୍ମୀ) ନିଯୁକ୍ତି ନିମିତ୍ତ ଶିକ୍ଷକ ନିଯୁକ୍ତି ନିର୍ଦ୍ଧାରିତ ଶିକ୍ଷାଗତ ଯୋଗ୍ୟତା ଅଧିକ ଗୁରୁତ୍ୱ ଦିଆଗଲା ନାହିଁ। କିନ୍ତୁ ନିଯୁକ୍ତି ପରେ ତାଙ୍କୁ ଶୈକ୍ଷିକ ସହାଯତା ପ୍ରଦାନ କରାଗଲା, ଯାହାଦ୍ୱାରା ସେ ଉପଯୁକ୍ତ ଶିକ୍ଷକ ରୂପରେ କାମ କରିପାରିବେ।

**ପ୍ରକଳ୍ପର ଉଦ୍ଦେଶ୍ୟ (Objective of the project)**

- ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ଏକ ସଂଯୁକ୍ତ କାର୍ଯ୍ୟକ୍ରମ (Composite Programme) ଭାବରେ ଗ୍ରହଣ କରାଗଲା, ଯେଉଁଥିରେ ୬ ରୁ ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାମାନଙ୍କର ଶିକ୍ଷାପ୍ରତି ସୁବିଧା ପହଞ୍ଚ ରହିବ।
- ଶିକ୍ଷଣର ନ୍ୟୂନତମ ସ୍ତରର ଉପଲବ୍ଧ ହେବ।
- ଶିକ୍ଷା ପ୍ରଣାଳୀର ଅଭିମୁଖୀ କରଣ (Orientation of Educational System) ଯେଉଁଥିରେ ମହିଳାମାନଙ୍କର ସମତା ତଥା ସେମାନଙ୍କର ସଶକ୍ତିକରଣର ଉଦ୍ଦେଶ୍ୟ ପୂରଣ ହୋଇପାରିବ।
- ପ୍ରୌଢ଼ (Adult) ତଥା ନିମ୍ନ ସାମାଜିକ ବର୍ଗ ନିଚ ଜାତିର ଲୋକଙ୍କ ତଥା ସମାଜର ସବୁଠୁ ଗରିବ ପିଲାଙ୍କ ନିମିତ୍ତ ସମାନ ଶୈକ୍ଷିକ ଆବଶ୍ୟକ ଉପଯୁକ୍ତ ଉପାୟ କରିବା
- ସ୍ୱଚ୍ଛ ନାମଲେଖାର ମୁଖ୍ୟ ସମସ୍ୟା ତଥା ଅଧାରୁ ପାଠ ଛାଡୁଥିବା ପିଲାଙ୍କର ସମସ୍ୟାର ନିୟନ୍ତ୍ରଣ



ଟିପ୍ପଣୀ

## କୌଶଳ (Strategies)

ଏହି ପରିଯୋଜନାର ଅନ୍ତର୍ଗତ ନିମ୍ନଲିଖିତ କୌଶଳ ମାନ ଗ୍ରହଣ କରାଗଲା।

- ଶିକ୍ଷାକର୍ମୀ ପରିଯୋଜନାର ପୁନଃନିରିକ୍ଷଣ (Monitoring) ପାଇଁ SIDA ଏକ ମନିଟରିଙ୍ଗ ମିଶନ ନିଯୁକ୍ତ କରାଗଲା, ଯାହା ବର୍ଷରେ ଦୁଇଥର ପରିଯୋଜନାର ପ୍ରଗତିର ସମୀକ୍ଷା (Review) କରିବ।
- କ୍ଷେତ୍ରଅନୁଭବ (Field Experiences) କିମ୍ବା ଆପୋଷ ସହମତି (Consensual decisions) ଦ୍ୱାରା ବିଭିନ୍ନ କାର୍ଯ୍ୟପଦ୍ଧତି (Procedures) ସ୍ଥିର କରାଗଲା।
- ଅଧିକରୁ ଅଧିକ ବିକେନ୍ଦ୍ରିକରଣ (Decentralization) ତଥା ସମୁଦାୟର ଭାଗିଦାରୀ (Community Involvement)
- ସବୁ ବର୍ଗର ପିଲାଙ୍କୁ ଶିକ୍ଷାରେ ପ୍ରବେଶ ସୁବିଧା ଦେବା ପାଇଁ ଲିଙ୍ଗ ତଥା ସାମାଜିକ ସମ୍ବେଦନଶୀଳତା (Social Sensitivity) କୁ ସମର୍ଥନ ଦିଆଗଲା।

## କାର୍ଯ୍ୟାନ୍ୱୟନ (Implementation) :

ପ୍ରକଳ୍ପ ନିର୍ଦ୍ଦେଶକ (Project Director)ଙ୍କ ସହ ରାଜସ୍ଥାନ ସରକାର ତଥା ସ୍ୱୟଂସେବୀ ସଂସ୍ଥା (NGO) କାର୍ଯ୍ୟ କରୁଅଛନ୍ତି, ଯିଏ କି ଶିକ୍ଷାକର୍ମୀଙ୍କ ଟ୍ରେନିଂ ପାଇଁ ଏବଂ ଶିକ୍ଷାକର୍ମୀଙ୍କ ପ୍ରଶିକ୍ଷକଙ୍କ ନିମନ୍ତେ ଯୋଜନା ଓ କାର୍ଯ୍ୟକ୍ରମ ତିଆରି କରିଥାଆନ୍ତି। କାର୍ଯ୍ୟକ୍ରମର ଆୟୋଜନ ଓ ସଞ୍ଚାଳନ ମଧ କରିଥାଆନ୍ତି। ଏହାଛଡ଼ା ଶିକ୍ଷାକର୍ମୀଙ୍କ ପ୍ରଶିକ୍ଷଣର ନିରୀକ୍ଷଣ କରିଥାଆନ୍ତି।

ଏହି ପ୍ରକଳ୍ପର ଉଦ୍ଦେଶ୍ୟ ପୁରଣ କରିବା ପାଇଁ ଏବଂ ଗ୍ରାମୀଣ କ୍ଷେତ୍ରରେ ସୁବିଧା ବଞ୍ଚିତ ମାନଙ୍କର ଆବଶ୍ୟକତା ପୁରଣ ପାଇଁ କରାଯାଇଥିବା ଶିକ୍ଷାଗତ ସୁବିଧା ଓ ପଦକ୍ଷେପ ନିମନ୍ତେ ପଞ୍ଚାୟତ ସମିତି, ଶିକ୍ଷାକର୍ମୀ ସହଯୋଗୀ, ବିଷୟ-ବିଶେଷଜ୍ଞ, ସ୍ୱୟଂସେବୀ ସଂସ୍ଥା ତଥା ଗ୍ରାମବାସୀ ସମୂହ (Village Community)ଙ୍କ ସହଯୋଗ ଅନିର୍ବାର୍ଯ୍ୟ ଅଟେ।

ଟିପ୍ପଣୀ

**କାର୍ଯ୍ୟକଳାପ (Activities) :** ଚିତ୍ର ନଂ. ୫.୩ରେ ଏହି ପ୍ରକଳ୍ପ ସମ୍ବନ୍ଧିତ ନିମ୍ନ କାର୍ଯ୍ୟକଳାପ ଦିଆଯାଇଅଛି ।

| | |
|---|---|
| ଦିବସ-କେନ୍ଦ୍ର (Day Centre) | ଶିକ୍ଷାକର୍ମୀଙ୍କ ଦ୍ୱାରା ପରିଚାଳିତ ପ୍ରାଥମିକ ବିଦ୍ୟାଳୟକୁ ଦିବସ କେନ୍ଦ୍ର କୁହାଯାଉଅଛି । |
| ପରିହାର ପାଠଶାଳା | ଯଦି କୌଣସି କାରଣ ବଶତଃ ପିଲାମାନେ ଦିବସ-କେନ୍ଦ୍ରକୁ ପଢ଼ିବାକୁ ଆସିନପାରନ୍ତି, ତେବେ ସେମାନଙ୍କୁ ରାତ୍ରରେ ପରିହାର ପାଠଶାଳାରେ ପଢ଼ାଯାଏ । |
| ମହିଳା ପ୍ରକାଶନ କେନ୍ଦ୍ର | ଏହି ପରିଯୋଜନା ମହିଳା ଶିକ୍ଷାକର୍ମୀଙ୍କ ନିଯୁକ୍ତି ଓ ପ୍ରଶିକ୍ଷଣ ନିମନ୍ତେ ଉଦ୍ଦିଷ୍ଟ । ଏଠାରେ ସ୍ଥାନୀୟ ମହିଳାଙ୍କୁ ଶିକ୍ଷା କର୍ମୀହେବା ପାଇଁ ତାଲିମ ଦିଆଯାଏ । |
| ସମନ୍ୱିତ ଉପାୟ ଉପାଗମ (Integrated Approach) | ଏକ ସର୍ଭେରୁ ଜଣାଯାଇଅଛି କି ଯେ ୧୪ ବର୍ଷ ପର୍ଯ୍ୟନ୍ତ ବୟସର ଜନଜାତି (ST) ୬୦% ଶାରୀରିକ ଦୃଷ୍ଟିରୁ ଅଯୋଗ୍ୟ (Physically Disabled) । ଏମାନଙ୍କୁ ଧ୍ୟାନଦେବା ପାଇଁ ଶିକ୍ଷାକର୍ମୀ ପରିଯୋଜନାର ଅନ୍ତର୍ଭୁକ୍ତ କରାଯାଇଅଛି । |

ସାରଣୀ ନଂ. ୫.୩ : ଶିକ୍ଷାକର୍ମୀଙ୍କର ମୁଖ୍ୟ କାର୍ଯ୍ୟକ୍ରମ

**କ୍ରିୟାକଳାପ-୨ (Activty-2) :** ନିଜ ଅଞ୍ଚଳରେ ଥିବା କୌଣସି ବିଦ୍ୟାଳୟ (ଯେଉଁଠି ଅନୁଷ୍ଠାନିକ ଶିକ୍ଷାଲାଭରୁ ବଞ୍ଚିତ ଛାତ୍ରମାନେ ପଢୁଥିବେ)କୁ ପରିଦର୍ଶନ କରିବେ ଏବଂ ସଞ୍ଚାଳକ ଅନୁଷ୍ଠାନ/ ସଂସ୍ଥା ବିଷୟରେ ଜାଣିବେ । ନିମ୍ନଲିଖିତ ପ୍ରଶ୍ନର ଉତ୍ତର (ପରିଦର୍ଶନଦ୍ୱାରା) ପ୍ରସ୍ତୁତ କରି ଏକ ରିପୋର୍ଟ ତିଆରି କରିବେ ।

- ସାଧାରଣ ସୂଚନା : ସଂସ୍ଥାର ନାମ, ଫୋନ୍ ନମ୍ବର, କାର୍ଯ୍ୟକ୍ଷେତ୍ର, ଶ୍ରେଣୀଗୃହ ସଂଖ୍ୟା, ବିଦ୍ୟାର୍ଥୀଙ୍କ ସଂଖ୍ୟା, ଏହାର ରାଜ୍ୟସ୍ତରୀୟ ଅଥବା ଜାତୀୟ ସ୍ତରୀୟ ଅଟେ ।
- ଉଦ୍ଦେଶ୍ୟ (Objectives) ତଥା ବିଭିନ୍ନ କ୍ରିୟାକଳାପ (Different Activities) (ଶୈକ୍ଷିକ ଏବଂ ସହଶୈକ୍ଷିକ ଇତ୍ୟାଦି) ।





## ୫.୩.୫ ପ୍ରାରମ୍ଭିକ ଶିକ୍ଷା ସହ ସମ୍ବନ୍ଧିତ ମହାରାଷ୍ଟ୍ରରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପ : ଘଟଣାବଳୀର ଅଧ୍ୟୟନ (Case Study)

ଏବେ ଆମେ ଗୋଟିଏ ରାଜ୍ୟର ଏକ ଘଟଣାବଳୀକୁ ଅଧ୍ୟୟନକରି (Case Study) ଭାରତର ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ (UEE) ଲକ୍ଷ୍ୟ ହାସଲ ପାଇଁ କି କି ପ୍ରକଳ୍ପ ଚାଲୁଅଛି ତାହା ସମୀକ୍ଷା/ ଆଲୋଚନା କରିବା। ଆମେ ମହାରାଷ୍ଟ୍ର ରାଜ୍ୟରେ ଚାଲୁଥିବା ଶୈକ୍ଷିକ ଯୋଜନାଗୁଡ଼ିକୁ ଜାଣିବା, ଯାହାକୁ ତୁମେ ନିଜ ରାଜ୍ୟରୁ ନଜରରେ ରଖି ଚିନ୍ତା କରିବ। ମହାରାଷ୍ଟ୍ରରେ ଗୁଣାତ୍ମକ ତଥା ପରିମାଣାତ୍ମକ ପ୍ରାଥମିକ ଶିକ୍ଷା ପାଇଁ ଚାଲୁଥିବା ବିଭିନ୍ନ ପ୍ରକଳ୍ପର ବିକାଶ ତଥା କାର୍ଯ୍ୟନ୍ୱୟନ ମହାରାଷ୍ଟ୍ରରେ ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣରେ ସାହାଯ୍ୟ କରିବ।

ମହାରାଷ୍ଟ୍ର ରାଜ୍ୟ ସରକାର ପଛୁଆ ଜାତିର ପୁଅ ଓ ଝିଅଙ୍କ ପାଇଁ ନିମ୍ନଲିଖିତ ଯେଜନା ଚଳାଇଛନ୍ତି।

**୫.୩.୫.୧** ମହାରାଷ୍ଟ୍ରରେ ଅନୁସୂଚିତ ଜାତି (SC), ଅନୁସୂଚିତ ଜନଜାତି (ST), ଯାଯାବର ଜୀବନଯାପନ କରୁଥିବା ଜାତି ଏବଂ ଆଦିବାସୀ ଏବଂ ସାମାଜିକ ବର୍ଗର ପଛୁଆ ଜାତିଙ୍କ ପାଇଁ ବିଭିନ୍ନ ଯୋଜନା ଚାଲିଛି।

- ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ବୃତ୍ତି (Stipend)
- ମାଗଣା ୟୁନିଫର୍ମ ଓ ପାଠ୍ୟପୁସ୍ତକ
- ବୋର୍ଡିଙ୍ଗ (ରହିବା ଘର / ହଷ୍ଟେଲ) ବ୍ୟବସ୍ଥା
- ସରକାରୀ ଓ ବେସରକାରୀ (ଘରୋଇ) ବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କ ନିମନ୍ତେ ହଷ୍ଟେଲ ବ୍ୟବସ୍ଥା
- ଏନ୍.ସି.ଇ.ଆର୍.ଟି. (NCERT) ଦ୍ୱାରା ସ୍ଥାପିତ ରାଷ୍ଟ୍ରୀୟ ପ୍ରତିଭା ଖୋଜ ବୋର୍ଡ ଯାହା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି ପ୍ରଦାନ କରେ।
- ଉପସ୍ଥିତ ହେବା ପାଇଁ ଭତ୍ତା (Allowance for Attendance)
- ଆଶ୍ରମ ବିଦ୍ୟାଳୟ
- ପୁସ୍ତକ ବ୍ୟାଙ୍କ (Book Bank) ପରିଯୋଜନା

ଟିପ୍ପଣୀ

### ୫.୩.୫.୨ ବାଳିକା ମାନଙ୍କ ନିମନ୍ତେ ଯୋଜନା (Schemes for girls) :

ପରିବାର ତଥା ସମାଜ ପାଇଁ ନାରୀ ଶିକ୍ଷାର ମହତ୍ତ୍ୱ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ। ରାଜ୍ୟ ସରକାର ନାରୀ ଶିକ୍ଷା ପାଇଁ ଅନେକ ପ୍ରକଳ୍ପ ଆରମ୍ଭ କରିଛନ୍ତି।

### ଉପସ୍ଥିତ ହେବା ପାଇଁ ଭତ୍ତା (Allowance for Attendance)

- ୧ ରୁ ୫ ଶ୍ରେଣୀ ପର୍ଯ୍ୟନ୍ତ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ହାରକୁ କମ୍ କରିବା ନିମିତ୍ତ ପଛୁଆ ଶ୍ରେଣୀର ସମସ୍ତ ବାଳିକାଙ୍କୁ ଏକ ଟଙ୍କା ଭତ୍ତା ଦିଆଯାଉଅଛି। ଯଦି ସେମାନେ ବିଦ୍ୟାଳୟରେ ୭୫% ର କାର୍ଯ୍ୟଦିବସରେ ଉପସ୍ଥିତ ରହନ୍ତି, ତେବେ ସେହି ବର୍ଷର ପ୍ରତି ଉପସ୍ଥିତି ଦିନ ପାଇଁ ଏହି ସୁବିଧା ମିଳିବ।
- ଅହଲ୍ୟା ବାଈ ହୋଲକରଙ୍କ ଦ୍ୱାରା ବାଳିକାମାନଙ୍କ ପାଇଁ ମାଗଣା ଯାତାୟତ ପରିଯୋଜନା ୧୯୯୭ରେ ସରକାର ଗ୍ରାମୀଣ କ୍ଷେତ୍ରର ବାଳିକ ମାନଙ୍କ ପାଇଁ ନିଃଶୁଳ୍କ ଯାତ୍ରା ପରିଯୋଜନା (Free Traveling Scheme) ଚଳାଇଲେ। ଏହାର ଉଦ୍ଦେଶ୍ୟ ଥିଲା କି ଏହି ଶ୍ରେଣୀର ପିଲାମାନେ ଶିକ୍ଷାଳାଭରୁ ଯେପରି ବଞ୍ଚିତ ନ ରହିବେ। ଏହି ସ୍କିମ ମଧ ୭୫% କାର୍ଯ୍ୟଦିବସରେ ଉପସ୍ଥିତ ବର୍ଷତମାମକୁ ବିଚାର କରି ପ୍ରଦାନ କରାଗଲା।
- ଗ୍ରାମୀଣ କ୍ଷେତ୍ରରେ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ (UEE) ଉଦ୍ଦେଶ୍ୟ ନିମନ୍ତେ ଛାତ୍ରଛାତ୍ରୀଙ୍କର ମା'ମାନଙ୍କୁ ପିଲାମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ତଥା ବ୍ୟକ୍ତିର ବିକାଶ (Personal Development) ରେ ଶିକ୍ଷଣ ନିମନ୍ତେ ଏକ କାର୍ଯ୍ୟକ୍ରମ ଚାଲୁକରାଗଲା।
- ଆର୍ମି ସ୍କୁଲ (Army School) : ମହାରାଷ୍ଟ୍ରର ବାଳିକାମାନଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ସରକାର ଭୋର (Bhor) ଠାରେ ଆର୍ମି ବିଦ୍ୟାଳୟ ଆରମ୍ଭ କଲେ, ଯେଉଁଠାରେ ବାଳିକାମାନଙ୍କୁ କିଛି ଛାତ୍ରବୃତ୍ତି ପ୍ରଦାନ କରାଗଲା। ଯଦି ସେମାନେ ଶାରୀରିକ ଦୃଷ୍ଟିରୁ ସକ୍ଷମ ଥିବେ ତେବେ ଭବିଷ୍ୟତ ଶିକ୍ଷା ମଧ୍ୟ ପ୍ରଦାନ କରାଯିବ।

### ୫.୩.୫.୩ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗର ପିଲାମାନଙ୍କର ପରିଯୋଜନା

ଗରିବୀ କାରଣରୁ ମଝିରୁ ବିଦ୍ୟାଳୟ ଛାଡ଼ି ପରିବାର ପାଇଁ କାମ କରିବାକୁ ଲାଗିଥିଲେ । ଏହିପରି ପିଲାମାନଙ୍କ ନିମନ୍ତେ କିଛି ଯୋଜନା ଚାଲୁ କରାଗଲା ଯଥା –

- **ଛାତ୍ର ବୃତ୍ତି (Scholarship) :** ୧୯୭୮ ମସିହାରେ ମହାରାଷ୍ଟ୍ର ସରକାର ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗର ପିଲାମାନଙ୍କ ପାଇଁ ଛାତ୍ରବୃତ୍ତି ଯୋଜନା ଲାଗୁଭଲେ । ପ୍ରତିମାସରେ ୭୦ ଟଙ୍କା (ପ୍ରତି ବାଳକ ପାଇଁ) ଏବଂ ୮୦ ଟଙ୍କା (ପ୍ରତି ବାଳିକା ପାଇଁ) ଦିଆଯାଉଥିଲା ।
- **ଆର୍ଥିକ ଦୃଷ୍ଟିରୁ ପଛୁଆ ଜାତି (Economically Backward class) :** ମହାରାଷ୍ଟ୍ର ସରକାର ଏହି ଯୋଜନା ୧୯୫୬ରେ ଆରମ୍ଭ କରିଥିଲେ । ଏଥିରେ ଆର୍ଥିକ ଦୃଷ୍ଟିରୁ ପଛୁଆ ଜାତି ସମ୍ବନ୍ଧୀୟ ପିଲାମାନଙ୍କୁ ଛାତ୍ରବୃତ୍ତି ରାଶି ପ୍ରଦାନ କରାଯାଉଥିଲା, ଯଦି ସେହି ଛାତ୍ର/ଛାତ୍ରୀ ୭୫% ବାର୍ଷିକ ଉପସ୍ଥିତି ଦେଖାଇବେ ଏବଂ ତାହାଙ୍କ ମାତାପିତାଙ୍କ ଆୟ ନିର୍ଦ୍ଧାରିତ ସୀମାଠାରୁ କମ୍ ହେବ ।
- **ପୋଷଣ ଆହାର (Nutritive Diet) :** ଏହି ପରିଯୋଜନାର ଆରମ୍ଭ ୧୯୯୫ରେ ହୋଇଥିଲା, ଯାହା ଅନ୍ତର୍ଗତ ପ୍ରତି ବାଳିକା, ଯିଏ ନିୟମିତ ବିଦ୍ୟାଳୟକୁ ଆସିବ ତାହାକୁ ମଧ୍ୟାହ୍ନ ଅବକାଶ (Lunch Break) ପୋଷଣ ଭୋଜନ (Nutritive Diet) ଦିଆଯାଉଥିଲା ।
- ସାବିତ୍ରୀବାଈ ଫୁଲେ ଅଭିଭାବକ ପରିଯୋଜନା ୧୯୯୩ରେ ଏହି ଯୋଜନା ଆରମ୍ଭ ହେଲା । ଏହା ଅନ୍ତର୍ଗତ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ, କୌଣସି ଅଧିକାରୀ ଅଥବା ସମାଜର କୌଣସି ସକ୍ଷମ ବ୍ୟକ୍ତି ଏହିଭଳି କନ୍ୟାକୁ ଆପଣେଇ (Adoption) ପାରିବେ, ଯିଏ ଗରିବୀ ହେତୁ ଅକ୍ଷମ ଥିବେ । ତାଙ୍କୁ ପ୍ରତିମାସରେ ଆର୍ଥିକ ସହାୟତା ପ୍ରଦାନ କରୁଥିବେ । କିନ୍ତୁ ଏହା ବିଦ୍ୟାଳୟ ମାଧ୍ୟମରେ ପ୍ରଦାନ କରାଯିବ ।
- ପୁସ୍ତକ ବ୍ୟାଙ୍କ ଯୋଜନା (Book Bank Scheme) - ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ମାଗଣା ପୁସ୍ତକ ଉପଲବ୍ଧ କରାଯିବ । ବର୍ଷ ଶେଷରେ ଏହି ପୁସ୍ତକକୁ

ଟିପ୍ପଣୀ

ଫେରସ୍ତ ନିଆଯିବ। ଯେତେବେଳେ ପିଲା ଉପର ଶ୍ରେଣୀକୁ ଯିବ ତେବେ ସେହି ପୁସ୍ତକ ବଦଳରେ ଉପର ଶ୍ରେଣୀର ପୁସ୍ତକ ମିଳିବ।

### ୫.୩.୫.୪ ଦୂରରେ ରହୁଥିବା ପିଲାମାନଙ୍କ ପାଇଁ ଯୋଜନା (Scheme for Distant Area Children)

ମହାରାଷ୍ଟ୍ର ସରକାର ୧୯୧୭ ମସିହାରେ ପୂର୍ବବର୍ତ୍ତୀ କ୍ଷେତ୍ର (Remote Deep Area) ରେ ରହୁଥିବା ପିଲାମାନଙ୍କ ପାଇଁ ନିମ୍ନଲିଖିତ ଯୋଜନା ପ୍ରଣୟନ କରିଥିଲେ।

**ପୋଷଣ ଆହାର ଯୋଜନା (Nutritive Diet Scheme):** ଏହାର ଉଦ୍ଦେଶ୍ୟ ୬ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ସନ୍ତୁଳିତ ଆହାର (Balanced Diet) ଦେବା ବ୍ୟବସ୍ଥା କରାଯାଇଥିଲା। ଯାହା ଅଙ୍ଗନବାଡ଼ି / ବାଲ୍‌ବାଡ଼ି ମାଧ୍ୟମରେ ପ୍ରଦାନ କରାଯାଉଥିଲା। ଅନୁସୂଚିତ ଜାତି ଏବଂ ଜନଜାତି (SC & ST) ବର୍ଗର ଛାତ୍ରଛାତ୍ରୀମାନେ ଏହି ସୁଯୋଗର ସଦୁପଯୋଗ କରିପାରିବେ। ସେମାନଙ୍କର ଶାରୀରିକ ଓ ମାନସିକ ବିକାଶ କ୍ଷେତ୍ରରେ ଏହା ସହାୟକ ହୋଇପାରିବ। ମଧ୍ୟାହ୍ନ ଭୋଜନ ଯୋଜନା ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ପ୍ରଦାନ କରାଯାଉଥିଲା।

ଆଶ୍ରମଶାଳା (Ashramsala) ଜନଜାତି ବିକାଶ ନିର୍ଦ୍ଦେଶାଳୟ (Directorate of Tribal Development) ଏହି ଯୋଜନାକୁ କାର୍ଯ୍ୟକାରୀ କରିଥିଲେ। ଅତି ଗରିବ ଛାତ୍ରଛାତ୍ରୀଙ୍କୁ ଏହି ଆଶ୍ରମରେ ଆଶ୍ରୟ ଦିଆଯାଇଥିଲା, ଯେଉଁମାନଙ୍କୁ ନିଃଶୁଳ୍କ ଲେଖିବା, ପଢ଼ିବା, ରହିବା, ୟୁନିଫର୍ମର ସୁବିଧା ଦିଆଯାଉଥିଲା। ଏହି ଆଶ୍ରମ ବିଦ୍ୟାଳୟ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିଲା ଏବଂ ଏହାର ପର୍ଯ୍ୟବେକ୍ଷଣ (Supervision) ସରକାରଙ୍କ ଦ୍ୱାରା କରାଯାଉଥିଲା। ଦୁଇପ୍ରକାରର ଆଶ୍ରମଶାଳା ଥିଲା।

୧) ବେସିକ୍ ଆଶ୍ରମଶାଳା (ପ୍ରଥମ ଶ୍ରେଣୀରୁ ଚତୁର୍ଥ ଶ୍ରେଣୀ)

୨) ପାରାବେସିକ ଆଶ୍ରମଶାଳା (ପଞ୍ଚମରୁ ଦଶମଶ୍ରେଣୀ)



ଟିପ୍ପଣୀ

- **ବିଦ୍ୟାନିକେତନ (Vidyaniketan) :** ଜନଜାତିର ପ୍ରଭାବଶାଳୀ (talented) ପିଲାମାନଙ୍କପାଇଁ ଏହା ଏକ ନୂଆ ଯୋଜନା ଥିଲା, ଯାହା ୧୯୮୧ରେ ଗୋଟିଏ କିମ୍ବା ଦୁଇଟି ଜିଲ୍ଲାରେ ଖୋଲାଯାଇଥିଲା। ଏଥିରେ ମଧ୍ୟ ନିଃଶୁଳ୍କ ଶିକ୍ଷା ଦିଆଯାଉଥିଲା। ବାଳିକାମାନଙ୍କ ପାଇଁ ମଧ୍ୟ ପରେ ବିଦ୍ୟାନିକେତନ ଖୋଲାଯାଇଥିଲା। ଏହି ପ୍ରକାର ସଂସ୍ଥାନରେ ଆଦିବାସୀ ପିଲାମାନଙ୍କ ନିମନ୍ତେ ୧୦ଟି ସିଟି (Seat) ର ସଂରକ୍ଷିତ ଥିଲା।

- **ବାଳଶିକ୍ଷା ପରିଯୋଜନା :** ଏହି ଯୋଜନା ମହାରାଷ୍ଟ୍ର ସରକାର ୟୁନିସେଫ୍ (UNICEF)ର ସହାୟତାରେ ଆରମ୍ଭ କରିଥିଲେ। ଏଥିରେ ପିଲାମାନଙ୍କୁ ସୁନ୍ଦର, ରୋଚକ ଛବିଳ ପୁସ୍ତକ ମାଗଣା ପ୍ରଦାନ କରାଯାଉଥିଲା ଯାହା ପୁସ୍ତକ ଏବଂ ସ୍କୁଲପ୍ରତି ପିଲାମାନଙ୍କର ରୁଚି (Interest) ହୋଇପାରିବ ଏବଂ ପିଲାମାନେ ଶିକ୍ଷାନୁଷ୍ଠାନକୁ ନିୟମିତ ଯିବା ସହଜସାଧ ହେଉଥିଲା। ଅଭିଭାବକମାନଙ୍କର ସଭା (Parents Meeting) ମାନ ଆୟୋଜିତ କରାଯାଉଥିଲା, ଯାହାଦ୍ୱାରା ସେମାନଙ୍କର ପିଲାମାନଙ୍କର ପାଠ୍ୟାନ୍ନତି ସହଜଲବ୍ଧ ହେଉଥିଲା।

- **କୁରନଶାଳା (Kuranshala) :** ଏହା ଥିଲା ଏକପ୍ରକାର ଭ୍ରାମ୍ୟମାଣ ସ୍କୁଲ ଯାହା ଅଣଆନୁଷ୍ଠାନିକ ଶିକ୍ଷା ପ୍ରଦାନରେ ଅଗ୍ରଗଣ୍ୟ ଥିଲା। ଶ୍ରୀମତୀ ତାରାବାଈ ମୋଦକ ଏବଂ ଶ୍ରୀମତୀ ଅନୁତି ବାଗ ପ୍ରଥମଥର ପାଇଁ କୁରନଶାଳାର ଆରମ୍ଭ କଲେ। ଏଥିରେ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ଜଙ୍ଗଲ ଅଞ୍ଚଳରେ ପିଲାମାନଙ୍କୁ ଖୋଜି ଲୋଡ଼ି ଅଣଆନୁଷ୍ଠାନିକ ଭାବେ ଶିକ୍ଷାଦାନ କରିବେ। ଏହି ଶିକ୍ଷାଦାନ ପରିଷ୍କାର ପରିଚ୍ଛନ୍ନତା, ଔଷଧ, ଭାଷା ଆଚାରବ୍ୟବହାର ଆଦିରେ ସୀମିତ ଥିଲା, ଯାହାଦ୍ୱାରା ଏହି ପିଲାମାନେ ଏକ ସମ୍ମାନଜନକ ଜୀବନ (Standard Life) ଜିଇଁ ପାରିବେ।

- **ଅନୁସୂଚିତ ଜନଜାତିଙ୍କ ଭାଷା ନିମିତ୍ତ ପ୍ରକଳ୍ପ (Project for Tribal Language):** ସାମନ୍ୟତଃ ବିଦ୍ୟାଳୟର ପଠନପାଠନ ଭାଷା ଏବଂ ଜନଜାତି ଲୋକଙ୍କର ଭାଷା ଭିନ୍ନ ଥିଲା। ଏଥିପାଇଁ ଅନୁସୂଚିତ ଜନଜାତିର ପିଲାମାନଙ୍କ ପାଇଁ

ଟିପ୍ପଣୀ

ପଠନ ପାଠନ ଭାଷା (ଷ୍ଟାଣ୍ଡାର୍ଡଭାଷା) ବୁଝିବାରେ କଷ୍ଟକର ହେଉଥିଲା। ଏହି ଅସୁବିଧାକୁ ଦୂର କରିବାପାଇଁ ଉଭୟ ଭାଷା ଏକାଭଳି ହେବା ଉଚିତ୍, ଯାହାକୁ ପିଲାମାନେ ନିଜ ଭାଷା ମାତୃଭାଷାରେ ଅଧ୍ୟୟନ କରିପାରିବେ। MSCERT ଅନୁସୂଚିତ ଜନଜାତିର ପିଲାମାନଙ୍କୁ ସେମାନଙ୍କ ମାତୃଭାଷାରେ ପାଠ୍ୟପୁସ୍ତକ ତିଆରି କରିଥିଲେ। ଏହା ସହିତ ଶିକ୍ଷକମାନଙ୍କ ପାଇଁ ପ୍ରଶିକ୍ଷଣ ଛଡା ସହାୟତା ପୁସ୍ତିକା (Teachers Hand Book) ମଧ୍ୟ ତିଆରି କରିଥିଲେ।

**୫.୩.୫.୫ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କ ନିମନ୍ତେ ଯୋଜନା (Scheme for Out of the School Children) :** ବହୁତ ପିଲା ଗରିବୀ ଅଥବା ଅନ୍ୟ କେତେକ କାରଣରୁ ବିଦ୍ୟାଳୟକୁ ଆସୁ ନଥିଲେ। ଯଦି ବି ଆସୁଥିଲେ ବିଦ୍ୟାଳୟ ସମୟ ମଝିରେ ବିଦ୍ୟାଳୟ ତ୍ୟାଗ କରୁଥିଲେ। ଏହିପରି ଛାତ୍ରଛାତ୍ରୀଙ୍କ ପାଇଁ ଅନେକ ପରିଯୋଜନା ଚାଲୁଥିଲା।

- **ସେତୁ ବିଦ୍ୟାଳୟ (Bridge School) :** ଏହି ବିଦ୍ୟାଳୟର ଉଦ୍ଦେଶ୍ୟ ଉକ୍ତ ସ୍କୁଲର ପୁନଃ ପଞ୍ଜିକରଣ କରିବା - ସେହି ପିଲାମାନେ ଯେଉଁପିଲା ବିଦ୍ୟାଳୟ ତ୍ୟାଗକରିଥିଲେ ଓ ଯାହାବି ଶିଖିଥିଲେ ତାହାସବୁ ପାଶୋରି ଦେଇଥିଲେ। ଏହିପରି ପିଲାମାନଙ୍କୁ ପୁଣିଥରେ ପାଠପଢ଼ିବାର ସୁଯୋଗ ଦିଆଯାଇଥିଲା। ଏହିପରି ପିଲାମାନଙ୍କୁ ପ୍ରାୟ ୪୫ ଦିନ ଅଲଗା ପଢ଼ା ଯାଉଥିଲା ଏବଂ ପୁଣି ନିୟମିତ ବିଦ୍ୟାଳୟ (Regular School) ପଞ୍ଜିକରଣ କରିବା ନିମିତ୍ତ ଭର୍ତ୍ତି କରାଯାଉଥିଲା, ଯାହାଦ୍ୱାରା ସେମାନେ ନିଜ ଶ୍ରେଣୀରେ ଅନ୍ୟପିଲାମାନଙ୍କ ସହ ସମକକ୍ଷ ହେବା ନିମିତ୍ତ ନିୟମିତ ପାଠକୁ ଗ୍ରହଣ କରୁଥିଲେ। ସେତୁ ବିଦ୍ୟାଳୟ ପ୍ରାୟ HSC ପାସ୍ କରିଥିବା ବ୍ୟକ୍ତିମାନେ ଚଳାଉଥିଲେ ଏବଂ ଶିକ୍ଷକମାନେ ପିଲାମାନଙ୍କୁ ନିୟମିତ ସ୍କୁଲକୁ ଆସିବା ନିମିତ୍ତ ପ୍ରେରଣା ଯୋଗାଉଥିଲେ। ସରକାର ମଧ୍ୟ ବ୍ରିଜ ବିଦ୍ୟାଳୟ ବା ସେତୁ ବିଦ୍ୟାଳୟର ପିଲାମାନଙ୍କ ନିମନ୍ତେ ଉପଯୁକ୍ତ ସିଲାବସ୍ ଓ ପାଠ୍ୟପୁସ୍ତକର ନିର୍ମାଣ କରୁଥିଲେ ଓ ପ୍ରଦାନ କରୁଥିଲେ।

ଟିପ୍ପଣୀ

- ଇଣ୍ଡସ୍ ଶିଶୁ ଶ୍ରମିକ ପ୍ରକଳ୍ପ (Indus Child Labour Project) ଏହିପରି ବହୁତ ପିଲା ଅଛନ୍ତି ଯେଉଁମାନେ କେଉଁଠିନା କେଉଁଠି ଶ୍ରମଦାନ (Labour work) କରୁଥିଲେ ଏବଂ ବିଦ୍ୟାଳୟ ଯାଉ ନଥିଲେ। ଏହି ପରିଯୋଜନାର ଉଦ୍ଦେଶ୍ୟ ଶିଶୁ ଶ୍ରମିକର ଉଚ୍ଛେଦନ କରିବା ଓ ଏହି ପିଲାମାନଙ୍କୁ ସାକ୍ଷର କରିବା ସହ ଶିକ୍ଷାର ମୁଖ୍ୟଧାରାକୁ ଆଣିବା। ଏହା ମହାରଷ୍ଟ୍ରର ୫ଟି ଜିଲ୍ଲାରେ କାର୍ଯ୍ୟାନ୍ୱିତ (Implemented) କରାଯାଇଥିଲା। ଏହି ସବୁ ଜିଲ୍ଲା ଥିଲା - ଗଁଦିଆ, ଆମ୍ରାବତୀ, ଜାଲନା, ଔରଙ୍ଗାବାଦ ତଥା ମୁମ୍ବେ। ଏହାର ଦାୟିତ୍ୱ MSCERT ନେଇ ଅଛନ୍ତି। MSCERT ପ୍ରକଳ୍ପର ସ୍ୱେଚ୍ଛାସେବୀଙ୍କୁ ଏହି ପ୍ରକଳ୍ପ ନିମିତ୍ତ ତାଲିମ ଦେଉଥିଲା। ଏହି ଶିଶୁ ଶ୍ରମିକ ପ୍ରକଳ୍ପଟି ଜାତୀୟ ସ୍ତରରେ ଗୋଟିଏ ସାମାଜିକ ସଂସ୍ଥା ରାଷ୍ଟ୍ରୀୟ ଶିଶୁ ଶ୍ରମିକ ପ୍ରକଳ୍ପ (NCLP) ଦ୍ୱାରା କାର୍ଯ୍ୟାନ୍ୱିତ ହୋଇଥିଲା, ଯେଉଁମାନେ ଯାଗା ଯାଗାରେ ଏହିଭଳି ଶିଶୁ ଶ୍ରମିକଙ୍କୁ, ଫ୍ୟାକ୍ଟ୍ରି, ଉଦ୍ୟୋଗ, ହୋଟେଲ୍ ଆଦିରେ ଖୋଜୁଥିଲେ ଏବଂ ୫-୮ ପର୍ଷର ପିଲାଙ୍କୁ ଆଣିକରି ନିୟମିତ ବିଦ୍ୟାଳୟ (Regular School)ରେ ଭର୍ତ୍ତି କରୁଥିଲେ ଓ ସେମାନଙ୍କୁ ଛାତ୍ର ବୃତ୍ତି ପ୍ରଦାନ କରୁଥିଲେ।

୯ରୁ ୧୩ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ବୃତ୍ତିଗତ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶିକ୍ଷିତ କରାଯାଇଥିଲା ଏବଂ ସେମାନଙ୍କୁ ନିୟମିତ ସ୍କୁଲରେ ପଢ଼ିବା ପାଇଁ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ୧୪ରୁ ୧୭ ବର୍ଷ ପର୍ଯ୍ୟନ୍ତ ବୃତ୍ତିଗତ ପ୍ରଶିକ୍ଷଣ ଓ ଛାତ୍ରବୃତ୍ତି ସହ ପ୍ରଦାନ କରାଯାଉଥିଲା।

ଏହି ପରିଯୋଜନା ନିମିତ୍ତ ଏପରି କେନ୍ଦ୍ର ସେହି ସ୍ଥଳରେ କରାଯିବ ଯେଉଁଠି ପ୍ରାୟ ୫୦ ଜଣ ପିଲା ପଢ଼ିପାରିବେ। ସେମାନଙ୍କୁ ଉପଯୁକ୍ତ ଶିକ୍ଷଣ ପ୍ରଦାନ କରାଯିବ। ଶିକ୍ଷଣ ସାମଗ୍ରୀ (Teaching Aids) ଶିକ୍ଷା ଉପକରଣର ବ୍ୟବହାର କରି ପିଲାମାନଙ୍କ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି କରାଗଲା।

**ଶକରଶାଳା Sakharsala (For Children of Labours of Sugarcane fields) :** ଏହା ଏପରି ବିଦ୍ୟାଳୟ କି ଯେଉଁଠି ଆଖୁ ଉତ୍ପାଦନ କରୁଥିବା ଶ୍ରମିକମାନଙ୍କର ବସ୍ତି ନିକଟରେ ଖୋଲା ଯାଉଥିଲା। ସେହି ପିଲାମାନଙ୍କୁ ସାକ୍ଷର କରିବା ଥିଲା ଏହି ଯୋଜନାର ଲକ୍ଷ୍ୟ, କାରଣ

ଟିପ୍ପଣୀ

ସେମାନଙ୍କର ବାପା ଓ ମା ଆଖୁ କାଟିବା ସମୟ / ଋତୁରେ ଆଖୁପେଡ଼ିବା ନିମିତ୍ତ ଚିନିକାରଖାନା ନିକଟରେ ଅସ୍ଥାୟୀଭାବରେ ବସବାସ କରନ୍ତି। କିଛିମାସ ପର୍ଯ୍ୟନ୍ତ ସେମାନେ ନିଜ ପରିବାର ସହ ରହନ୍ତି। ଏଥିପାଇଁ ସେହି ପରି ସମାଜର ପିଲାମାନଙ୍କ ପାଇଁ ଶକରଶାଳା ଖୋଲା ଯାଉଥିଲା, ଯେପରିକି ଏହି ପିଲାମାନଙ୍କର ପାଠପଢ଼ାରେ କୌଣସି ବାଧ ନଆସେ। ଏହାକୁ ଦ୍ୱିତୀୟ ସେମିଷ୍ଟାର ବିଦ୍ୟାଳୟ ବୋଲି କୁହାଯାଇଥାଏ। ଏହି ବିଦ୍ୟାଳୟ କେବଳ ଏହି ଋତୁରେ କାର୍ଯ୍ୟକରେ ଓ ଏହାପରେ ପିଲାମାନେ ଏହି ସ୍ଥାନ ନିଜ ବାପାମାଆଙ୍କ ସହ ଛାଡ଼ନ୍ତି। ସ୍କୁଲ ମଧ୍ୟ ବନ୍ଦ ହୋଇଯାଏ।

- **ବସ୍ତିଶାଳା (Vastishala)** – ଏହା ଅଧିକାଂଶ ପ୍ରାଥମିକ ବିଦ୍ୟାଳୟ ଯାହା ପାହାଡ଼କ୍ଷେତ୍ର, ଆଦିବାସୀ କ୍ଷେତ୍ର ତଥା ଦୂରବର୍ତ୍ତୀ କ୍ଷେତ୍ରରେ ଅଣ ଆନୁଷ୍ଠାନିକ ଶିକ୍ଷା ପ୍ରଦାନ କରିଥାଏ, ଯାହାକି ୧ କି.ମି. ଦୂର ପରେ ମଧ୍ୟ କୌଣସି ବିଦ୍ୟାଳୟ ନଥିବା ଜଣାଯାଏ। ଏହି ପିଲାମାନଙ୍କୁ ୧ ରୁ ୪ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମ ଶିକ୍ଷା ଦିଆଯାଇଥାଏ। ଏକ ବସ୍ତି ବିଦ୍ୟାଳୟ ଚଳାଇବା ପାଇଁ ଗ୍ରାମପଞ୍ଚାୟତଙ୍କ ନିକଟରେ ୧୫ ଜଣ ପିଲାଙ୍କ ପଞ୍ଜିକରଣ ହେବା ଆବଶ୍ୟକ। ଗ୍ରାମଶିକ୍ଷା ସମିତି (Village Education Committee) ଯୋଗ୍ୟ ଅଧ୍ୟାପକଙ୍କ ନିଯୁକ୍ତି କରିବେ, ଯେଉଁମାନଙ୍କୁ ନିକଟରେ ଥିବା DIET ଙ୍କ ଦ୍ୱାରା ବିଶେଷ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିଲା।

- ରେମେଡ଼ିଆଲ / ପ୍ରତିକାର ମୂଳକ ଶିକ୍ଷଣ (Remedial Teaching Classes): ସେତୁ ବିଦ୍ୟାଳୟ ଏହି ପିଲାମାନଙ୍କୁ ଏହି ଶିକ୍ଷଣ (ଯେଉଁମାନଙ୍କର ଏକାଗ୍ରତା କମ୍ ଅଟେ) ପ୍ରଦାନ କରିଥାନ୍ତି, ଏହାକୁ ଏମ୍.ଫୁଲେ ହାମି ଯୋଜନା ବୋଲି ମଧ୍ୟ କହନ୍ତି। ଏହି ଶିକ୍ଷଣ ପ୍ରଣାଳୀ ପିଲାମାନଙ୍କୁ ଶିକ୍ଷଣର ସର୍ବନିମ୍ନ ସ୍ତର ହାସଲରେ ସାହାଯ୍ୟ କରୁଥିଲା।

**କେପ୍ ପ୍ରକଳ୍ପ (Cape Project):** ମହାରାଷ୍ଟ୍ର **ସରକାର** UNICEF ଙ୍କ ସହାୟତାରେ ୧୯୮୧ରେ ୬ ରୁ ୧୪ ବର୍ଷ ବିଦ୍ୟାଳୟ ଆସୁନଥିବା (Out of School) ପିଲାମାନଙ୍କ ପାଇଁ ଏକ ପ୍ରକଳ୍ପ ଆରମ୍ଭ କଲେ। ଏହି ପ୍ରକଳ୍ପରେ ସମସ୍ତଙ୍କ ପାଇଁ ପ୍ରାଥମିକ ଶିକ୍ଷା ପାଇଁ ସ୍ୱୟଂଶିକ୍ଷଣ

ଟିପ୍ପଣୀ

କେନ୍ଦ୍ର (Self Learning Centre) ଖୋଲିଲା ଯାହା ନିକଟବର୍ତ୍ତୀ ଶିକ୍ଷା (B.Ed / M.Ed) ମହାବିଦ୍ୟାଳୟ ସହ ଯୋଡ଼ାଗଲା, ଯାହା ୨୫ ରୁ ୩୦ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କର ଏନ୍‌ରୋଲ୍‌ମେଣ୍ଟ (ରେଜିଷ୍ଟ୍ରେସନ୍) କରାଯାଇଥିଲା ଏବଂ ସେମାନେ ସୁବିଧା ଅନୁସାରେ ସମୟ ସମୟରେ (Part time) ବିଦ୍ୟାଳୟକୁ ଆସୁଥିଲେ। ଏହି ପିଲାମାନଙ୍କୁ ପାଠପଢ଼ାରେ ସ୍ୱୟଂ ଶିକ୍ଷଣ ସୁବିଧା (Self Learning Assistance) ପ୍ରଦାନ କରାଗଲା।।

**୫.୩.୫.୬ ବିଶେଷ ଲକ୍ଷ୍ୟ ସମୂହ (Special Target Group) ପାଇଁ ପରିଯୋଜନା :**

(ବିକଳାଙ୍ଗ, ଦେବଦାସୀ ପିଲା ଇତ୍ୟାଦି) ବିଶେଷ ଲକ୍ଷ୍ୟ ସମୂହ (Special Target Group)ରେ ବିଭିନ୍ନ ସାମାଜିକ ସ୍ତର ଜାତି, ଧର୍ମ ତଥା ଶିକ୍ଷାରେ ଅନଗ୍ରସର ପଛୁଆଜାତି ଓ ଦିବ୍ୟାଙ୍ଗ ପିଲା ରହିଛନ୍ତି। କୌଣସି କାରଣ ବଶତଃ ଏହିପିଲାମାନେ ପ୍ରାଥମିକ ଶିକ୍ଷା ହାସଲ କରିପାରିନଥାଆନ୍ତି ଏମାନଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥାଏ।

- **ଦେବଦାସୀ ପିଲାମାନଙ୍କ ପାଇଁ ଯୋଜନା (Scheme for Children of Debdasis):** ଦେବଦାସୀ ପରଂପରା ସମାଜର ଏକ ନକରାତ୍ମକ ସାମାଜିକ ପରଂପରା (Negative Special Tradition) ଅନ୍ଧବିଶ୍ୱାସ (Blind belief) ହେତୁ ବହୁତ ଦେବଦାସୀ ସାମାଜିକ ତଥା ଆର୍ଥିକ ଦୃଷ୍ଟିରୁ ପଛରେ ଅଛନ୍ତି, ଏଣୁ ସେମାନେ ନିଜ ପିଲାମାନଙ୍କୁ ପଢ଼ାଲେଖା ଶିଖାଇପାରନ୍ତି ନାହିଁ। ଏଥିପାଇଁ ଏହି ଯୋଜନାରେ ଦେବଦାସୀର ପିଲାମାନଙ୍କ ପାଇଁ ଅନେକ ପ୍ରକାର ସୁବିଧା ଦିଆଯାଇଥାଏ – ପୋଷଣ ଆହାର (Nutritional meal), ଉପସ୍ଥିତି ଭତ୍ତା (Attendance allowance) ବୁକ୍‌ବ୍ୟାଙ୍କ ଯୋଜନା, ସ୍ନେହାଳୟବୋର୍ଡିଂ ସ୍କୁଲ, ନାରୀ ପ୍ରବୋଧନ କାର୍ଯ୍ୟକ୍ରମ, ନିଃଶୁଳ୍କ ପାସ୍ ଯୋଜନା (Free Pass Yogana)

- **ଦିବ୍ୟାଙ୍ଗ ପିଲାଙ୍କ ଶିକ୍ଷା (Education for Children with special needs):** ଏହି ବର୍ଗର ପିଲାମାନଙ୍କ ପାଇଁ ଏକୀଭୂତ ଶିକ୍ଷା (Integrated Education) ମାଗଣା ଶିକ୍ଷା ବ୍ୟବସ୍ଥା କରାଯାଇଅଛି। ଯାହାଦ୍ୱାର ଅଣଆନୁଷ୍ଠାନିକ ଶିକ୍ଷା, ସ୍ଥାନାନ୍ତରିତ ହେଉଥିବା ସ୍କୁଲ (Moving School) ଦୂରବର୍ତ୍ତୀ ଶିକ୍ଷା (Distance Education)



ଟିପ୍ପଣୀ

ପ୍ରତିକାରମୂଳକ ଶିକ୍ଷା (Remedial Education) ବ୍ୟବସାୟିକ ଶିକ୍ଷା (Vocational Education) ଆଦି ଦିଆଯାଇଥାଏ। ମହାରାଷ୍ଟ୍ର ସରକାର ଏହିପରି ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ସ୍କୁଲ (Special School) ଖୋଲିଛନ୍ତି। ୧୯୮୫ରେ ମୂକ ଏବଂ ବଧିର (Deaf and Dumb) ପିଲାମାନଙ୍କ ପାଇଁ ମୁମ୍ବାଇରେ ଏଭଳି ବିଦ୍ୟାଳୟ ସ୍ଥାପନ କରାଯାଇଅଛି, ଯେତେବେଳେ ଏହି ପିଲାମାନେ ସାଧାରଣ ପିଲାଙ୍କ ପରି ପଢ଼ିଲେଖି ଶିଖିଯାଆନ୍ତି ତେବେ ସେମାନଙ୍କ ସାଧାରଣ ସ୍କୁଲକୁ ଅଣାଯାଇଥାଏ। ସାଧାରଣ ସ୍କୁଲରେ ସେମାନଙ୍କ ଆତ୍ମପ୍ରତ୍ୟୟ (Self Confidence) ବୃଦ୍ଧି ପାଇଥାଏ। ଏହି ପ୍ରଣାଳୀକୁ ଇଣ୍ଟିଗ୍ରେଟେଡ୍ ଆପ୍ରୋଚ କୁହାଯାଇଥାଏ।

**କ୍ରିୟାକଳାପ-୩ :** ଆପଣ ଆପଣଙ୍କ ରାଜ୍ୟରେ ଚାଲୁଥିବା ଏହି ପ୍ରକାର ଯୋଜନା ଅଧ୍ୟୟନ କରିବା ସହିତ ମହାରାଷ୍ଟ୍ରରେ ଚାଲୁଥିବା ଯୋଜନା ସହ ତୁଳନା କରନ୍ତୁ। ଏହି କ୍ଷେତ୍ରରେ ଥିବା ସମାନତା ଓ ବିଭିନ୍ନତାର ଏକ ରିପୋର୍ଟ ତିଆର କରନ୍ତୁ।

___

___

___

## ୫.୪ ଡ଼ି.ପି.ଇ.ପି. (ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ)

ଡ଼ି.ପି.ଇ.ପି ବିଶ୍ୱର ସମସ୍ତ ବଡ଼ ପରିଯୋଜନା ମଧ୍ୟରୁ ଅନ୍ୟତମ, ଯାହା ୧୯୯୪ ରେ ଆରମ୍ଭ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ଥିଲା ଏଥିପାଇଁ ସବୁ ସ୍ତରରେ ଜିଲାୱାରୀ ଯୋଜନା ବିକେନ୍ଦ୍ରୀକୃତ (Decentralized) କରାଯାଇଥିଲା। ଭାଗିଦାରୀ ପ୍ରବିଧି (Participatory Process) ସଶକ୍ତିକରଣ (Empowerment) ତଥା କ୍ଷମତା ବୃଦ୍ଧି (Capacity building) ଉପରେ ଦୃଷ୍ଟି ଦିଆଗଲା। ପ୍ରାଥମିକ ଶିକ୍ଷା ପ୍ରଣାଳୀକୁ ପୁନଃ ସଶକ୍ତ କରିବା ନିମିତ୍ତ ତଥା ଉଚ୍ଚ ପ୍ରାଥମିକ ଶିକ୍ଷାର ଲକ୍ଷ୍ୟ ପ୍ରାପ୍ତି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

(ଡ଼ି.ପି.ଇ.ପି.-I) ଏହି ପରିଯୋଜନା କେନ୍ଦ୍ରୀୟ ସରକାରଙ୍କର ଯୋଜନା ଥିଲା, ଯାହା ବିଶ୍ୱବ୍ୟାଙ୍କର ସହାୟତାରେ ୫ଗୋଟି ରାଜ୍ୟରେ ଚାଲୁଥିଲା। ପରେ ଏହାର ବିସ୍ତାର ଅନ୍ୟ ରାଜ୍ୟକୁ କରାଗଲା। ଏହା ଅନ୍ତର୍ଗତ ପରିଯୋଜନା ଆରମ୍ଭ କରିବା ନିମିତ୍ତ ପ୍ରତ୍ୟେକ ରାଜ୍ୟକୁ ୫ଟି ଜିଲ୍ଲା ବଛା ଯାଇଥିଲା। ଏହିସବୁ ଜିଲ୍ଲା ଥିଲା ସେହି ରାଜ୍ୟର ସବୁଠୁ ପଛୁଆ ଜିଲ୍ଲା, ଯେଉଁଠାରେ ସମଗ୍ର ସାକ୍ଷରତା ଅଭିଯାନ (TLC) ସଫଳ ହେବ, ଯାହା ଫଳରେ ପ୍ରାଥମିକ ଶିକ୍ଷାର ମାନ ବୃଦ୍ଧିପ୍ରାପ୍ତ ହେବ।

**୫.୪.୧ ଡି.ପି.ଇ.ପି.ର ଉଦ୍ଦେଶ୍ୟ (Objectives of DPEP) ଏହି ପ୍ରକଳ୍ପ ନିମ୍ନଲିଖିତ ଉଦ୍ଦେଶ୍ୟ -**

- ଆନୁଷ୍ଠାନିକ ଶିକ୍ଷା (Formal) ଅଥବା ଅଣ ଅନୁଷ୍ଠାନିକ (Non-formal) : ଶିକ୍ଷା ମାଧ୍ୟମରେ ୬ରୁ ୧୪ ବର୍ଷ ବୟସର ପିଲାମାନଙ୍କୁ ଶିକ୍ଷାର ୧୦୦% ସହଜ ପହଞ୍ଚ (Accessibility) ୧୦୦% ନାମଲେଖା (Enrolment) ତଥା ଅବଧାରଣ (Retention).
  - ଗୁଣାତ୍ମକ ଶିକ୍ଷା ନିମନ୍ତେ ନ୍ୟୁନତମ ଦକ୍ଷତା (Minimum Level of Learning) ହାସଲ
  - ବିଦ୍ୟାଳୟରେ ପ୍ରତିରୋଧ (Stagnation) ଏବଂ ଡ୍ରପଆଉଟକୁ ନିୟନ୍ତ୍ରଣ କରିବା।
  - ଶିକ୍ଷକ ଓ ସମାଜର କ୍ଷମତା ବୃଦ୍ଧି (Capacity building), ଅଧିକରୁ ଅଧିକ ବିକେନ୍ଦ୍ରୀକରଣ (Decentralization) ତଥା ସମୁଦାୟ ଭାଗିଦାରୀ (Community Participation)
  - ସମାଜର ପ୍ରତି ୟୁନିଟ୍‌ରେ ନାମଲେଖା (Enrolment) ବୃଦ୍ଧି କରିବା।

**୫.୪.୨ ଡି.ପି.ଇ.ପି. ର ମୁଖ୍ୟାଂଶ (Major Components of DPEP) / ଡି.ପି.ଇ.ପି. ପ୍ରକଳ୍ପର ଚାରିଗୋଟି ଅଂଶ (Component)**

- **ସିଭିଲ କାର୍ଯ୍ୟ (Civil Work) :** ନୂଆ ବିଦ୍ୟାଳୟ ସ୍ଥାପନ (Construction of new School) ସିଭିଲ୍‌କାର୍ଯ୍ୟ ଅନ୍ତର୍ଗତ ଅଟେ, ଯେଉଁଥିରେ ଅନ୍ତତଃ ଦୁଇଟି ଶ୍ରେଣୀଗୃହ

ଟିପ୍ପଣୀ

ଏବଂ ଏକ ବରଣ୍ଡା ଥିବ। ନୂଆ କୋଠରୀ ଯୋଡ଼ିବାର ବ୍ୟବସ୍ଥା ଯେଉଁଠି ୧ ରୁ ୫ମ ଶ୍ରେଣୀ ଥିବ। ଶୌଚାଳୟ (Toilet), ବିଦ୍ୟାଳୟର ମରାମତି (Repairing) ବୋର୍‌ୱେଲ୍, ଜଳ ସମୂହର ରେସିଡେନ୍‌ସିଆଲ୍ ସ୍କୁଲ, ଶିକ୍ଷକମାନଙ୍କ କ୍ୱାର୍ଟରସ୍ ଏବଂ ମହିଳା ହଷ୍ଟେଲ୍ ନିର୍ମାଣ କରିବା।

- **କାର୍ଯ୍ୟକ୍ରମ (Programme) :** ବହୁତ ଆପ୍ରୋଚ ଓ ସୁବିଧା ସୁଯୋଗ (Facililties) ର ବ୍ୟବହାର ଯେଉଁଥିରେ ପିଲାମାନଙ୍କୁ ପାଠ୍ୟ ଆହରଣ / ଶିକ୍ଷଣର ସୁବିଧା ମିଳି ପାରିବ। ଏ ସମସ୍ତ ଶୈକ୍ଷିକ ଉପକ୍ରମ ଯାହା ଆନୁଷ୍ଠାନିକ ଶିକ୍ଷାରେ ନ କରାଯାଇଥିବ ତାହାର ବ୍ୟବସ୍ଥା କରାଯିବ।

  ଡି.ପି.ଇ.ପି (DPEP)ର କାର୍ଯ୍ୟକଳାପ (activities) ଏହି କାର୍ଯ୍ୟକ୍ରମର ମୁଖ୍ୟ ଆଧାର ଅଟେ।

- **ପ୍ରବଂଧନ (Management) :** ଜିଲ୍ଲାର ସ୍ତରରେ ଏହି କାର୍ଯ୍ୟକ୍ରମର ସୂଚୀ ତିଆରି କରାଯିବ ତଥା ବିତ୍ତ (Fund) ର ଶୀଘ୍ର ବ୍ୟବସ୍ଥା କରିବା। ତଥା ଏହି ସଂରଚନା ନିମିତ୍ତ ରାଷ୍ଟ୍ରୀୟତ, ରାଜ୍ୟ ତଥା ଜିଲ୍ଲାସ୍ତରରେ ବିଚାର କରାଯିବ। ଏମ୍.ଆଇ.ଏସ୍ (Management Information System) ଦ୍ୱାରା ଡ଼ି.ପି.ଇ.ପି.ର କାର୍ଯ୍ୟକଳାପ ପୁନଃନିରୀକ୍ଷଣ / ମୂଲ୍ୟାୟନ କରିବା। ପ୍ରବନ୍ଧନ ପ୍ରଣାଳୀ ଏକ ନୂଆ ସହାୟକ ପ୍ରଣାଳୀ ଅଟେ ଯାହା ଜିଲ୍ଲାସ୍ତରୀୟ ଯୋଜନା ଦ୍ୱାର କାର୍ଯ୍ୟରତ ହେବ। ଏହାପରେ କାର୍ଯ୍ୟକ୍ରମ ଶେଷରେ ଏହି ଉପଲବ୍ଧ ଆୟୋଜରେ ମିଳିଥାଏ।

- ବିଦ୍ୟାଳୟ ମାନଚିତ୍ର ତଥା ସୂକ୍ଷ୍ମ ସ୍ତରର ଯୋଜନା ନିର୍ମାଣ – (School Mapping and MICRO Planning) ଏହାର ମୁଖ୍ୟ ଉଦ୍ଦେଶ୍ୟ ସ୍କୁଲରେ ଯୋଗଦାନ (Enrolment) ରେ ଆସୁଥିବା ବାଧାକୁ ଜାଣିବା ତଥା ସମୁଦାୟ (Community)ର/ ଆଞ୍ଚଳିକ ସମାଜର ଶିକ୍ଷା କ୍ଷେତ୍ରରେ ଭାଗୀଦାରୀ ସୁନିଶ୍ଚିତ କରିବା। ସୂକ୍ଷ୍ମ ଯୋଜନା (Micro Planning) ର ଅନ୍ତର୍ଗତ ଗ୍ରାମ ଶିକ୍ଷା ସମିତି (VEC)ର କାର୍ଯ୍ୟକୁ ସ୍ଥୁଳ ରୂପ (Fix up the responsibility) ଦେଇ ଉତ୍ତରଦାୟିତ୍ୱକୁ ନିର୍ଦ୍ଧାରିତ କରିବା। ଗ୍ରାମ



ଟିପ୍ପଣୀ

ଶିକ୍ଷା ସମିତି (VEC) ଗ୍ରାମର ଶିକ୍ଷା ପ୍ରଣାଳୀର ଅଧ୍ୟୟନ ତଥା ନିରୀକ୍ଷଣ କରିଥାଏ। ଶିକ୍ଷାର ବିକାଶରେ ନାମଲେଖା (Enrolment) ଏବଂ ସ୍କୁଲରେ ନିୟମିତ ରଖିବାରେ ସହାୟତା କ୍ଷେତ୍ରରେ ଗ୍ରାମ ଶିକ୍ଷା ସମିତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା।

**କାର୍ଯ୍ୟାନ୍ୱୟନ (Execution) ଯୋଜନା :** ବିକେନ୍ଦ୍ରିକୃତ ଯୋଜନାର ପ୍ରୟାସ ରାଷ୍ଟ୍ରୀୟ ସଂସ୍ଥା (National Institution) ଦ୍ୱାରା ରାଜ୍ୟ ତଥା ଜିଲ୍ଲାସ୍ତରରେ ପେଶାଗତ ବୃତ୍ତିଗତ ସହାୟତା ପ୍ରଦାନ କରାଯାଇଥାଏ। ଡି.ପି.ଇ.ପି.ରେ ଅପ୍ରାଣ ପ୍ରୟାସ ମାଧ୍ୟମରେ ବିକେନ୍ଦ୍ରିକରଣର ସଂକଳ୍ପନା (Idea of Decentralization) କୁ ଜୀବନ୍ୟାସ ଦେବା ନିମିତ୍ତି ନିମ୍ନଲିଖିତ ଉପାୟରେ ପ୍ରଯତ୍ନ କରାଗଲା।

- ଏହି କାର୍ଯ୍ୟକ୍ରମର ଅନ୍ତର୍ଗତ ବିକେନ୍ଦ୍ରିକରଣ ଶୈକ୍ଷିକ ଆୟୋଜନ କରିବା ପାଇଁ ଜିଲ୍ଲାକୁ ଏକ ୟୁନିଟ୍ ଭାବେ ଧରାଗଲା। ଏହା ଅନ୍ତର୍ଗତ ସଂସାଧନ (Pattern of Resource) ସମ୍ବନ୍ଧୀୟ ନିର୍ଣ୍ଣୟ ନେବା ପାଇଁ ରାଜ୍ୟସ୍ତରରୁ ସ୍ଥାନୀୟ ସ୍ତରକୁ ଆଣିବାର ପ୍ରୟାସ କରାଗଲା।

- ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଆୟୋଜିତ ପ୍ରକ୍ରିୟାକୁ ମଜବୁତ କରିବାପାଇଁ ପ୍ରୟାସ କରାଗଲା ଯାହାଦ୍ୱାରା ଏହା ଅଧିକ ପରମର୍ଶୀ (Consulative) ପ୍ରତିଭାସିତାପୂର୍ଣ୍ଣ (Participatory) ତଥା ପାରଦର୍ଶୀ ହୋଇପାରିବ।

- ଏହା ଅନ୍ତର୍ଗତ ନୂଆ ସଂଗଠନାତ୍ମକ ବ୍ୟବସ୍ଥା ଯେପରିକି BRC ତଥା CRC କୁ ଶୈକ୍ଷିକ କାର୍ଯ୍ୟ ସୂଚାରୁ ରୂପେ କରିବା ପାଇଁ ସଂବୃତ୍ତିକ ସଂସାଧନ ସହାୟତା (Professional Resource Support) ପ୍ରଦାନ କରିବା ପାଇଁ ପ୍ରୟାସ କରାଯାଇଥିଲା।

- ଡି.ପି.ଇ.ପି. (DPEP) କଣ୍ଟିଜେନ୍ସି ଗ୍ରାଣ୍ଟ ରୂପରେ ପ୍ରତି ସ୍କୁଲକୁ ୨୦୦୦/- (ଦୁଇହଜାର ଟଙ୍କା( ଏବଂ ୫୦୦/- (ପାଞ୍ଚଶହ ଟଙ୍କା) ପ୍ରତି ଶିକ୍ଷକଙ୍କୁ ସହାୟତା ପ୍ରଦାନ କରିଥିଲେ।

- ଡ଼ି.ପି.ଇ.ପି. ନିଜର ପ୍ଲାନିଂ ପ୍ରସେସ ଦ୍ୱାରା ଚେଷ୍ଟା କରୁଥିଲା କି ସ୍ଥାନୀୟ ସ୍ତରରେ ଏବଂ ଜିଲ୍ଲାସ୍ତରରେ ଓ ସମଗ୍ର ରାଜ୍ୟର ସବୁ ଜିଲ୍ଲାରେ କ୍ଷମତା ବୃଦ୍ଧି କରିପାରିବ।



ଟିପ୍ପଣୀ



### ୫.୪.୪ କାର୍ଯ୍ୟନୀତି ତଥା କ୍ରିୟାକଳାପ (Strategies and Activities)

- **ସୁବିଧା ପହଞ୍ଚ (Access) :** ଜନଜାତି ସୁଦୂର କ୍ଷେତ୍ରରେ ନୂଆ ୟୁ.ପି. ବିଦ୍ୟାଳୟ ଖୋଲିବା। ଏହି ଅଞ୍ଚଳରେ ବହୁ ଶ୍ରେଣୀକକ୍ଷ Multigrade Learning Centre ତଥା ବୈକଳ୍ପିକ ବିଦ୍ୟାଳୟ (Alternate School) ଖୋଲିବା ଯେଉଁଥିରେ ପ୍ରାଥମିକ ଶିକ୍ଷାର ଅଭିଗମ୍ୟତା ବଢ଼ିପାରିବ।
- **ଜନଜାତି ତଥା ତଟବର୍ତ୍ତୀ ବସ୍ତିରେ ଶିକ୍ଷା (Tribal and Costal Education) :** ପଞ୍ଚାୟତ ତଥା ସ୍ୱୟଂ ସେବୀ ସଂସ୍ଥା ବ୍ୟକ୍ତିଙ୍କ ଦ୍ୱାରା ପଞ୍ଜିକରଣ ଅଭିଯାନ ପ୍ରବୋଧନ କାର୍ଯ୍ୟକ୍ରମର ଦ୍ୱାରା ଜନଜାତି ଏବଂ ତଟବର୍ତ୍ତୀ (costal) ବିଦ୍ୟାର୍ଥୀଙ୍କୁ ମାଗଣା ପାଠ୍ୟ ପୁସ୍ତକ ପ୍ରଦାନ କରିବା।
- **ଗୁଣବତ୍ତା ସୁଧାର (Quality Improvement) :** ଏଥିପାଇଁ କ୍ରିୟା ଆଧାରିତ ଦ୍ୱାରା ନିଯୁକ୍ତି ଶିକ୍ଷକଙ୍କ ପ୍ରଶିକ୍ଷଣ (Training Activily-based padugogy) ମାଧ୍ୟମରେ ଗୁଣବତ୍ତା ସୁଧାର ଆଣିବ।
- **ଗୋଷ୍ଠୀ ସମ୍ପୃକ୍ତି ଏବଂ ସଞ୍ଚାଳନ (Community Mobilization) :** ଏହାଦ୍ୱାରା ଗ୍ରାମଶିକ୍ଷା ସମିତି (VEC)ର ନିର୍ମାଣ ତଥା ପଞ୍ଚାୟତ ମନିଟରିଙ୍ଗ କକ୍ଷ (PML)ର ବ୍ୟବସ୍ଥା କରି ସେମାନଙ୍କର (ଶିକ୍ଷକଙ୍କର) ପ୍ରଶିକ୍ଷଣ ତଥା ଅଭିଭାବକଙ୍କ ଅଭିମୁଖୀକରଣ (Orientation for Parents)ଙ୍କ ବ୍ୟବସ୍ଥା କରିବା।
- **ଗବେଷଣା ଓ ମୂଲ୍ୟାଙ୍କନ (Research and Evaluation) :** କ୍ରିୟାଶୋଧ (Action Research Programme) ବ୍ଲକ ସାଧନ କେନ୍ଦ୍ର ତଥା ଜିଲ୍ଲାସ୍ତରରେ ଅଧ୍ୟୟନ କରିବା।
- **ଯୋଜନା ତଥା ପ୍ରବନ୍ଧନ (Planning and Management):** ବିଦ୍ୟାଳୟ ଆଧାରିତ ଯୋଜନା ନିମିତ୍ତ ଯୋଜନା ତିଆରି କରିବା ଓ ବାର୍ଷିକ ଯୋଜନା ତିଆରି କରିବା। ଯେଉଁଥିପାଇଁ ବ୍ଲକ ଆଡ୍‌ଭାଇଜୋରୀ ସମିତି ତଥା ଜିଲ୍ଲା ଆଡ୍‌ଭାଇଜେରୀ ସମିତି ଓ ଜିଲ୍ଲା ଏକ୍‌ଜିକ୍ୟୁଟିଭ୍ କମିଟୀର ବୈଠକ କରାଯିବ।



ଟିପ୍ପଣୀ

- **ଭିନ୍ନକ୍ଷମ/ ଦିବ୍ୟାଙ୍ଗ ଛାତ୍ରଙ୍କୁ ଚିହ୍ନିବା ଏବଂ ସେମାନଙ୍କର ଶିକ୍ଷା ପାଇଁ ବ୍ୟବସ୍ଥା (IEDC) :** ଏଥିପାଇଁ ଶିକ୍ଷକ ମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ, ଆବଶ୍ୟକ ଉପକରଣ (Aids & Appliances) ଏବଂ ଅନ୍ୟ ସହାୟକ ସାମଗ୍ରୀ ପ୍ରଦାନ କରିବା । ତଥା ଅଭିଭାବକଙ୍କୁ ଅଭିମୁଖୀ କରିବା ।
- **ବାଳିକାଙ୍କ ଶିକ୍ଷାକୁ ପ୍ରାଥମିକତା (Importance to Girls Education):** ନିଃଶୁଳ୍କ ଦିଆଯାଉଥିବା ପାଠ୍ୟପୁସ୍ତକ ସଚେତନତା କାର୍ଯ୍ୟକ୍ରମ ତଥା ଅଧ୍ୟାପକ ସୁଗ୍ରାହୀକରଣ (Teachers Sensitisation Programme)
- **ସଚେତନତା ସୂଚନା ପ୍ରଣାଳୀ (M.I.S. - Management Information System) :** ସମସ୍ତ DPEP ଜିଲ୍ଲା କେନ୍ଦ୍ରରେ କମ୍ପ୍ୟୁଟର ଡାଇଲପ ନେଟ୍ ୱାର୍କିଂର ବ୍ୟବସ୍ଥା ତଥା କମ୍ପ୍ୟୁଟର ପ୍ରୋଗ୍ରାମରଙ୍କ ନିଯୁକ୍ତି । ଡାଇଲପ ନେଟ୍‌ୱାର୍କିଂର ଦ୍ୱାରା ସମସ୍ତ DPEP ଜିଲ୍ଲା ଓ ରାଜ୍ୟସ୍ତର ତଥା ରାଜ୍ୟ ପ୍ରକଳ୍ପ ଅଧିକାରୀଙ୍କ ସହ ସମ୍ବନ୍ଧ ରକ୍ଷା ତଥା ଡାଟା ଏଣ୍ଟ୍ରୀ ଅପରେଟରଙ୍କ ଦ୍ୱାରା ତଥ୍ୟାବଳୀକୁ ପ୍ରେରଣ କରିବା । MISର ମୁଖ୍ୟ ଉଦ୍ଦେଶ୍ୟ ଥିଲା କି ଏହା ପ୍ରତିବର୍ଷ ସ୍କୁଲ ଡାଟା ବେସ୍‌ର ଅପ୍‌ଡେଟ୍ କରିବେ । ପ୍ରତିମାସରେ MIS ନିଜର ଡାଟାବେସ୍ ତଥା SOE (Statement of Expenditure) ଡାଟା ର ଏଣ୍ଟ୍ରୀ କରିବେ । ଏହାକୁ ରାଜ୍ୟ ପ୍ରକଳ୍ପ ଅଫିସକୁ ପ୍ରତିମାସରେ ଜଣାଇବେ ।
- **ଗ୍ରାମ ଶିକ୍ଷା ପଞ୍ଜିକା ତଥା ଅବଧାରଣ ପଞ୍ଜିକା (Village Education and Retention Register) :** ଏହି ରେଜିଷ୍ଟର ଦ୍ୱାରା ପ୍ରତି ଛାତ୍ର ବା ଛାତ୍ରୀ ଯିଏ ବିଭିନ୍ନ ପରିବାରରୁ ଆସୁଛନ୍ତି ତଥା ଗ୍ରାମ ସ୍ତରର ପିଲାଙ୍କ ଶିକ୍ଷାଗତ ଅବସ୍ଥାକୁ ଦର୍ଶାଏ । ଏହି ରେଜିଷ୍ଟର ଦ୍ୱାରା ଅବଧାରଣ ହାର (କୌଣସି ବିଦ୍ୟାଳୟ ଓ ବର୍ଗର) ଜଣାପଡ଼ିଥାଏ । ଯେପରିକି କେତେଜଣ ଛାତ୍ର ଶିକ୍ଷାକୁ ଗ୍ରହଣ କଲେ ଓ କେତେଜଣ ଡ୍ରପ୍‌ଆଉଟ୍ ହେଲେ ।
- **ଦୂର ଶିକ୍ଷା (Distance Education) :** ଟେଲି କନ୍‌ଫରେନ୍ସ ଦ୍ୱାରା ଦୂରଶିକ୍ଷା କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଯାଇଥାଏ ତଥା ଦୂରଶିକ୍ଷା କ୍ଷେତ୍ରରେ ସହାୟତା ଲାଭ କରିବା ।
- **ପ୍ରସାରଣ (Media Activities) :** ଜିଲ୍ଲା ଓ ବ୍ଲକ ତଥା ପଞ୍ଚାୟତ ସ୍ତରରେ ପ୍ରଦର୍ଶନୀର ଆୟୋଜନ କରିବା ତଥା News Letter ର ପ୍ରକାଶ କରିବା ।



ଟିପ୍ପଣୀ

**୫.୪.୫ ଡି.ପି.ଇ.ପି.ର ୟୁ.ଇ.ଇ. ଉପରେ ପ୍ରଭାବ (Impact of DPEP on UEE)**

ଏହି କାର୍ଯ୍ୟକ୍ରମ ଏକ ମିଶନ ଢାଞ୍ଚାରେ ଚାଲୁଥିଲା। ଏନ୍.ଏଲ୍.ଏମ୍.ଏ. ପରି ଜାତୀୟ ପରିଚାଳନା ସଂଗଠନର ସ୍ଥାପନା କରାଯାଇଥିଲା ଯାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପୁରା ଦେଶରେ ଏହି କାର୍ଯ୍ୟକ୍ରମକୁ ଲାଗୁ କରିବା। ଏଥିପାଇଁ ସମୟ ଅନୁଯାୟୀ ବିଶ୍ଳେଷଣ କରାଯାଇଥିଲା। ଯାହାକୁ କି DPEP ଜିଲ୍ଲା ସ୍ତରରେ ଦୀର୍ଘ ବର୍ଷ ରଖିବା (Retention) ତଥା DPEP ର କାର୍ଯ୍ୟର ତୁଳନା ବଛା ବଛା ରାଜ୍ୟରେ କରାଯାଇ ପାରିବ। ଏହି ବିଶ୍ଳେଷଣ / ତୁଳନାତ୍ମକ ଅଧ୍ୟୟନ ରାଜ୍ୟ ଶିକ୍ଷା ନିର୍ଦ୍ଦେଶାଳୟର ଦ୍ୱିତୀୟ ଉତ୍ସ କିମ୍ବା DPEP ର EMIS ରୁ ମିଳିଥାଏ। ନିମ୍ନରେ ଏହି ଆକଳନର କିଛି ନିଷ୍କର୍ଷ ଦିଆଗଲା।

| DPEP କାର୍ଯ୍ୟକ୍ରମ ଚାଲୁଥିବା ଜିଲ୍ଲା | ୨୧୯ (୨୪୮ କୁ ଭାଗ ହୋଇଥିବା) ଜିଲ୍ଲା |
|---|---|
| ଫେଜ୍ -୧ (୧୯୯୪- ସେପ୍ଟେମ୍ବର ୨୦୦୧) | ୪୨ |
| ଫେଜ୍ -୨ (୧୯୯୬ – ଡ଼ିସେମ୍ବର ୨୦୦୨) | ୮୦ |
| ଫେଜ୍ – ୩ (୧୯୯୮ – ମାର୍ଚ୍ଚ ୨୦୦୩) | ୨୭ |
| ଅନ୍ୟ ଫେଜ୍ | ୭୦ |

DPEP କାର୍ଯ୍ୟକ୍ରମ ଚାଲୁଥିବା ରାଜ୍ୟ -୧୮

| | |
|---|---|
| ଏହି ଯୋଜନା ଅନ୍ତର୍ଗତ ସ୍କୁଲ | ୩,୭୫,୦୦୦ (ସ୍କୁଲ ସଂଖ୍ୟା) |
| ନୂଆ କରି ସ୍ଥାପନା / ଯୋଡାଯାଇଥିବା ସ୍କୁଲ | ୧୦,୦୦୦ (ସ୍କୁଲ ସଂଖ୍ୟା) |

ବିଦ୍ୟାର୍ଥୀ ଏବଂ ଶିକ୍ଷକ

| | |
|---|---|
| ଯୋଜନା ଅନ୍ତର୍ଗତ ସମସ୍ତ ଛାତ୍ର ଛାତ୍ରୀ | ୫୧୩ ଲକ୍ଷ |
| ସମସ୍ତ ଶିକ୍ଷକ (ଏହି ଯୋଜନାରେ) | ୧୧ ଲକ୍ଷ |
| ସ୍ଥାପିତ ECE (ଇସିଇ) କେନ୍ଦ୍ର | ୫୬,୧୨୪ କେନ୍ଦ୍ର |
| ମୋଟ ଛାତ୍ର (ଏହି ଯୋଜନାର ଅନ୍ତର୍ଗତ) | ୨୧ ଲକ୍ଷ ଛାତ୍ର |



ଟିପ୍ପଣୀ

**ବିକଳ୍ପ ବିଦ୍ୟାଳୟ (Alternative School)**

| | |
|---|---|
| ମୋଟ ସ୍ଥାପିତ ବିକଳ୍ପ ବିଦ୍ୟାଳୟ | ୫୬୧୨୪ |
| ମୋଟ ଛାତ୍ର ସଂଖ୍ୟା (ଯୋଜନାର ଅନ୍ତର୍ଗତ) | ୨୧ ଲକ୍ଷ |

| | |
|---|---|
| ପଞ୍ଜିକରଣ ନାମଲେଖା (Enrollment) ଅନୁପାତ GER (Enrollment Rate in EGS and Alternate School) | ୧୦୨% |
| ଶୁଦ୍ଧ ପଞ୍ଜିକରଣ ନାମଲେଖା ଅନୁପାତ NER (National Enrollment Rate) = EGS + AS | ୯୦% |

Source : DPEP Calling Vol. VI, No. 11

ଦ୍ରଷ୍ଟବ୍ୟ :GER ତଥା NER କୁ ଗଣନା କରିବା ପାଇଁ ଉପଯୁକ୍ତ ସୂତ୍ର ଏହି ୟୁନିଟର ନିମ୍ନ ଭାଗରେ ଦିଆଯାଇଅଛି।

## ୫.୫ ସାରାଂଶ (Summary / Let us sum up)

ଭାରତବର୍ଷ ଶିକ୍ଷା ପ୍ରଣାଳୀ ଅତି ବଡ ଅଟେ। ଏଥିରେ ପ୍ରାୟ ୩୦୦ ମିଲିଅନ୍ ଛାତ୍ରଛାତ୍ରୀ, ୬.୫ ମିଲିଅନ୍ ଶିକ୍ଷକ। ନାମଲେଖା (Enrollment) ପ୍ରାୟ – ୧୦୦%, ୧୨୦ ମିଲିଅନ୍ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉଅଛି। ସାକ୍ଷରତା ହାର ୨୦୦୧ ତୁଳନାରେ ୬୫% ରୁ ବୃଦ୍ଧି ପାଇ ୭୨% ହୋଇଅଛି। ଶିକ୍ଷାକୁ ଏକ ଭଲ ଜୀବନର ଦ୍ୱାର ଭାବେ ଗ୍ରହଣ କରାଯାଇଅଛି।

ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ନିମିତ୍ତ ବିଭିନ୍ନ ପରିଯୋଜନା ପାଇଁ ବିଭିନ୍ନ କାର୍ଯ୍ୟନୀତି ଗ୍ରହଣ କରାଯାଇଅଛି। ଏହି ପରିଯୋଜନା ଉତ୍ତରପ୍ରଦେଶ ବେସିକ୍ ଶିକ୍ଷା ପରିଯୋଜନା, ବିହାର ବେସିକ୍ ଶିକ୍ଷା ପରିଯୋଜନା, ଲୋକ ଜମ୍ବିସ ଏବଂ ବାଳିକା ଶିକ୍ଷା ତଥା ଅଧ୍ୟାପକ ଅନୁପସ୍ଥିତିକୁ ରୋକିବା ନିମନ୍ତେ ଶିକ୍ଷାକର୍ମୀ ପରିଯୋଜନା-୧୯୯୦ ଦଶକ ମଧ୍ୟରେ ଯେଉଁ ସବୁ ଜିଲ୍ଲାରେ ମହିଳା ସାକ୍ଷରତା ହାର ବହୁତ କମ୍ ଥିଲା, ସେହି ସବୁ ଜିଲ୍ଲାରେ DPEP ପରିଯୋଜନା ଆରମ୍ଭ କରାଗଲା। ଏହି ପରିଯୋଜନାରେ କେତେକ ନୂତନ ପଦକ୍ଷେପ (New Initiative) କୁ ସାମନାକୁ ଅଣାଗଲା, ଯାହାଦ୍ୱାରା ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ସାକ୍ଷର/ଶିକ୍ଷିତ କରାଯାଇପାରିବ। ଏହାର ବିଶେଷତ୍ୱ ଏହା ଥିଲା କି ଏହି ଯୋଜନା ଥିଲା ବିକେନ୍ଦ୍ରୀକରଣ ଯୋଜନା ଓ ଗୋଷ୍ଠୀ ସମ୍ପୃକ୍ତି ଓ ସଞ୍ଚାଳନା ରହିଥିଲା। ଲୋକପ୍ରତିଭାଗୀତ୍ୱର (Sprit People Participation)ର ଏହି ଭାବନା

ଟିପ୍ପଣୀ

ଗାଁ ସ୍ତର ପ୍ରତି ଆସିଗଲା, ଯାହାଦ୍ୱାରା ଶିକ୍ଷା ସମ୍ପର୍କିତ ବିଭିନ୍ନ କ୍ରିୟାକଳାପ କାର୍ଯ୍ୟକାରିତା (Execution) ସଫଳତା ପୂର୍ବକ ହୋଇପାରିଥିଲା। ଗ୍ରାମଶିକ୍ଷା ସମିତିମାନେ ଭିନ୍ନ ଭିନ୍ନ ଜିଲ୍ଲାରେ ପ୍ରାୟ ୧୦୦% ପ୍ରତିଶତ ଗାଁକୁ ସମ୍ମିଳିତ କରିଥିଲେ। ଏହି ସକାରାତ୍ମକ ପରିବର୍ତ୍ତନ (Positive Change) ସହିତ ଭାରତ ଶୀଘ୍ର ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ଲକ୍ଷ୍ୟକୁ ପ୍ରାପ୍ତ କରିବାର ଆଶା କରିପାରିବ।

## ୫.୬ ଶବ୍ଦାବଳୀ / ସଂକେତାକ୍ଷର (Glossary / Abbreviation)

- ଶିକ୍ଷାର ସାର୍ବଜନୀନକରଣର ଅର୍ଥ – ପିଲାମାନଙ୍କର ଏବଂ ସବୁ ସ୍ଥାନରେ ବିଶିଷ୍ଟ ଆବଶ୍ୟକତା ଅନୁସାରେ ଶିକ୍ଷାର ଉପଲବ୍ଧତା (vailability) ନିଶ୍ଚିତ କରିବା

- ଶିକ୍ଷାର ସାର୍ବଜନୀନକରଣର ତିନିଗୋଟି ପକ୍ଷ (Aspects) :
  - (i) ସାର୍ବଜନୀନ ସୁବିଧା ପହଞ୍ଚ (Univeral Access) ଓ ନାମଲେଖା (Enrolment)
  - (ii) ଉପସ୍ଥିତି ତଥା ଅବଧାରଣ (Attendance and Retention)
  - (iii) ଶିକ୍ଷାର ଗୁଣାବତ୍ତା (Quality of Education)

- ମୋଟାମୋଟି ନାମଲେଖା ଅନୁପାତ (Gross Enrolment Ratio) : ଏହା ଏକ ଆପେକ୍ଷିକ ସୂଚକ ଅଟେ, ପ୍ରାଥମିକ ବିଦ୍ୟାଳୟରେ କେତେଜଣ ଛାତ୍ରଛାତ୍ରୀ ବୟସ ଭେଦରେ ନାମ ଲେଖାଇ ଅଛନ୍ତି ଯାହାକି ବୟସ ସଂଖ୍ୟାରେ ସମ୍ମିଳିତ ଅଟେ।

$$\text{ପ୍ରାଥମିକ ବିଦ୍ୟାଳୟରେ GER} = \frac{\text{ପ୍ରାଥମିକ ବିଦ୍ୟାଳୟରେ ନାମଲେଖା ହୋଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା}}{\text{ପ୍ରାଥମିକ ବିଦ୍ୟାଳୟ ପାଇଁ ବୟସଯୋଗ୍ୟ ଛାତ୍ରଛାତ୍ରୀ}}$$

GER ର ମୂଲ୍ୟ ଶତ ପ୍ରତିଶତରୁ ଉର୍ଦ୍ଧ୍ୱ ହୋଇପାରେ, ଯାହାର ଅର୍ଥ କିଛି ଛାତ୍ରଛାତ୍ରୀ ପ୍ରାଥମିକ ବିଦ୍ୟାଳୟ ବୟସ ଯୋଗ୍ୟତା ଠାରୁ କମ୍ ବା ଅଧିକ ବୟସର ହୋଇଥିବା ଏବଂ ସେମାନେ ପ୍ରାଥମିକ ବିଦ୍ୟାଳୟରେ ଥିବେ। GER ର ଅର୍ଥ ହେଉଛି ବୟସାଧିକ ନାମଲେଖା, ଯଥା : ବିଳମ୍ବ ପ୍ରବେଶ ଏବଂ ଅବଧାରଣ କାରଣରୁ ହେଉଛି।

ଟିପ୍ପଣୀ

- ପ୍ରାଥମିକ ବିଦ୍ୟାଳୟରେ NER = (ପ୍ରାଥମିକ ବିଦ୍ୟାଳୟରେ ଥିବା ପ୍ରାଥମିକ ବିଦ୍ୟାଳୟ ବୟସଯୋଗ୍ୟା ପିଲା ସଂଖ୍ୟା) / (ପ୍ରାଥମିକ ବିଦ୍ୟାଳୟରେ ବୟସଯୋଗ୍ୟ ପିଲା ସଂଖ୍ୟା)

NER ର ମୂଲ୍ୟ ୧୦୦ ପ୍ରତିଶତରୁ ଉର୍ଦ୍ଧ୍ୱ ହେବ ନାହିଁ, ଯଦି ସମସ୍ତ ବିଦ୍ୟାଳୟ ବୟସଯୋଗ୍ୟ ପିଲାଙ୍କର ନାମଲେଖା ହୋଇଥିବ। ତେବେ ପ୍ରାଥମିକ NER ୧୦୦ ପ୍ରତିଶତ ହେବ। ପ୍ରାଥମିକ NER ଶତପ୍ରତିଶତରୁ କମ୍ ଅର୍ଥ ବିଦ୍ୟାଳୟ ବୟସଯୋଗ୍ୟ ସମସ୍ତ ପିଲା ବିଦ୍ୟାଳୟରେ ନାମଲେଖା ହୋଇନାହାନ୍ତି। କିଛି ପିଲା ପ୍ରାଥମିକ ବିଦ୍ୟାଳୟ ବାହାରେ ଅଛନ୍ତି। କିଛି ପିଲା ପ୍ରାକ୍ ପ୍ରାଥମିକ ବିଦ୍ୟାଳୟରେ ଥାଇପାରନ୍ତି, କିଛି ପିଲା ମାଧ୍ୟମିକ ବିଦ୍ୟାଳୟରେ ଥାଇପାରନ୍ତି କିମ୍ବା ଅନ୍ୟ କିଛି ଶିକ୍ଷା ପ୍ରଣାଳୀରେ ଥାଇପାରନ୍ତି।

| | |
|---|---|
| DPEP : | District Primary Education Programme |
| UPBEP: | Uttar Pradesh Basic Education Project |
| Primary GER : | Primary Gross Enrollment Ratio |
| UEE : | Universalization of Elementary Education |
| NER : | Net Enrollment Ratio |
| BEP : | Bihar Education Project |

## ୫.୭ ସହାୟକ ଗ୍ରନ୍ଥ ଏବଂ ପ୍ରବନ୍ଧ ସୂଚୀ :

(Lok Jumbish: The Sixth report Reviews http:// books volume 1/1970-Volume-41/2011)

## ୫.୮ ପାଠାନ୍ତ ପ୍ରଶ୍ନାବଳୀ

**୧) ଶୂନ୍ୟସ୍ଥାନ ପୂରଣ କର।**

(ଉପଯୁକ୍ତ ବିକଳ୍ପର ବଛାବଛି କରି ଶୂନ୍ୟସ୍ଥାନ ପୂରଣ କର।)

କ) _________ ପଞ୍ଚବାର୍ଷିକ ଯୋଜନାରେ ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ଶିକ୍ଷାକୁ ବହୁତ ବଡ ପ୍ରୋତ୍ସାହନ ମିଳିଲା। (ଦଶମ / ଏକାଦଶ)

ଖ) _________ ର ଅର୍ଥ ସମସ୍ତଙ୍କ ପାଇଁ ଶିକ୍ଷାର ଲୋକ ଅଭିଯାନ।

(ଲୋକ ଜମ୍ବିସ୍ / ମହିଳା ସମସ୍ୟା)



ଟିପ୍ପଣୀ

ଗ) ଡି.ପି.ଇ.ପି ଦ୍ୱାରା ଅନୁତ୍ତୀର୍ଣ୍ଣ (Repeaters) ହେଉଥିବା ବିଦ୍ୟାର୍ଥୀଙ୍କ ସଂଖ୍ୟା ହାର ସବୁଠୁ ଅଧିକ କମିଯିବା ପ୍ରାୟ ୫୦% ରାଜ୍ୟରେ ହେଲା (ମଧ୍ୟପ୍ରଦେଶ / ଆସାମ)

ଘ) ରାଜସ୍ଥାନ ସରକାରଙ୍କଦ୍ୱାରା ୧୯୮୭ ମସିହାରେ _______ ର ବିତ୍ତିୟ ସହାୟତାରେ ଶିକ୍ଷାକର୍ମୀ ପରିଯୋଜନା ଲାଗୁ କରାଗଲା । (ଏସ.ଆଇ.ଡିଏ / ୱାର୍ଲଡ ବ୍ୟାଙ୍କ)

ଙ) ସମାଜର ସୁବିଧାରୁ ବଞ୍ଚିତ ବର୍ଗ (deprived section) ଙ୍କୁ ଶିକ୍ଷା ଉପରେ _______ ଙ୍କର ବିଶେଷ ପ୍ରଭାବ (special emphasis) ପଡ଼ିଥିଲା । (ୟୁପିବିଇପି (UPBEB)/ ବିଇପି (BEP))

**ଉତ୍ତର (Answer) :**

କ) ଦଶମ (ଖ) ଲୋକଜମ୍ପିସ୍ (ଗ) ଆସାମ (ଘ) ଏସ.ଆଇ.ଡି.ଏ. (ଙ) ବି.ଇ.ପି.

**୨) ନିମ୍ନଲିଖିତ ଅବସ୍ଥା କାର୍ଯ୍ୟାନ୍ୱିତ କରୁଥିବା ଉପଯୁକ୍ତ ସ୍କିମ୍‌ର ନାମ ଲେଖ ।**

i) ଡିପିଇପିର ସବୁ ଜିଲ୍ଲା ରାଜ୍ୟ ପରିଯୋଜନା କାର୍ଯ୍ୟାଳୟକୁ କମ୍ପ୍ୟୁଟର ତଥା ଡାଏଲ ଅପ୍ ନେଟ୍‌ୱାର୍କିଂ ଦ୍ୱାରା କାର୍ଯ୍ୟ କରିବା

ii) ବାଳଶ୍ରମିକ ପ୍ରଥାକୁ ଉଚ୍ଛେଦ କରି ମୁଖ୍ୟଧାରାରେ ଆଣିବା ।

iii) ଶିକ୍ଷାକର୍ମୀ କେବେ ପ୍ରାଥମିକ ବିଦ୍ୟାଳୟକୁ ଚଳାଉଥିଲେ

iv) ଗ୍ରାମ୍ୟ ପୁସ୍ତକାଳୟ ବିଚାର (concept)କୁ ବଢ଼ାଯାଇଥିଲା ।

v) ଖଣ୍ଡେଲା କ୍ଲଷ୍ଟରର ଅନୁସୂଚିତ ଉପଜାତିର ପିଲାମାନଙ୍କ ପାଇଁ କିଷାନଗଞ୍ଜେ ବ୍ଲକର ବାରନଠାରେ ବିଶେଷ କାର୍ଯ୍ୟକ୍ରମ କରାଯାଇଥିଲା ।

**ଉତ୍ତର:** i) ଏମ.ଆଇ.ଏସ. (MIS)

ii) ଆଇ.ଏନ.ଡ଼ି.ୟୁ.ଏସ୍ (INDUS)

iii) ଡେସେଣ୍ଟ (Day Centre)

iv) ପୋଷ୍ଟର ୱାର୍କସପ୍ (Poster Workshop)

v) ମୁକ୍ତାଙ୍ଗନ

**୩) ସ୍ତମ୍ଭକୁ ମିଳାଅ (Match the following)**

| 'କ' | 'ଖ' |
|---|---|
| i) ବିହାର ଶିକ୍ଷା ପରିଯୋଜନା | (କ) ବାଳିକାମାନଙ୍କର ଶିକ୍ଷା |
| ii) ଲୋକ ଜମ୍ବିସ୍ | (ଖ) ଶିକ୍ଷକ ଅନୁପସ୍ଥିତି |
| iii) ଶିକ୍ଷାକର୍ମୀ | (ଗ) ପ୍ରାଥମିକ ଶିକ୍ଷାର ଗୁଣବତ୍ତାରେ ସୁଧାର ଆଣିବା |
| | (ଘ) ସମନ୍ୱିତ ଶିକ୍ଷା |

**ଉତ୍ତର :** i) (ଗ)

ii) (କ)

iii) (ଖ)

**୪) ଶୁନ୍ୟସ୍ଥାନ ପୂରଣ କର ।**

କ) ଶିକ୍ଷାର ସାର୍ବଜନୀନକରଣର ଅର୍ଥ ଏହା ଯେ ପିଲାମାନଙ୍କର ବିଶେଷ ଆବଶ୍ୟକତା ତଥା ସ୍ଥାନାନୁସାରେ ସବୁ ଜାଗାରେ ଶିକ୍ଷାର ___________ ସୁନିଶ୍ଚିତ କରିବା

ଖ) ଭାରତ ସରକାର ପ୍ରାଥମିକ ସ୍ତରର ବିଦ୍ୟାଳୟ କ୍ଷେତ୍ରରେ ___________ କି.ମି ମଧ୍ୟରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ସୁନିଶ୍ଚିତ କରିଛନ୍ତି ।

ଗ) ଭାରତରେ ଡି.ପି.ଇ.ପି. ___________ ଭଳି/ପରି ଆରମ୍ଭ ହେଲା ।

ଘ) ମହାରାଷ୍ଟ୍ରରେ ବାଳିକା ଶିକ୍ଷାର ପ୍ରୋତ୍ସାହିତ କରିବା ପାଇଁ ସରକାର ନାସିକର_________ ସ୍ଥାନରେ ଆର୍ମି ବିଦ୍ୟାଳୟ ଆରମ୍ଭ କରାଗଲା ।

ଙ) ଅନୁସୂଚିତ ଜାତିର ISE (Index of Social Equity) ଭାରତର ସବୁ ଜିଲ୍ଲାରେ ___________ ଠାରୁ ଅଧିକ ଥିଲା ।

**ଉତ୍ତର:** କ) ସୁଗମ୍ୟତା (Availability)

ଖ) ୧ (ଏକ)

ଗ) ମିଶନ ଭଳି (Mission Mode)

ଘ) ଭୋର (Bhore)

ଙ) ୯୦

ଟିପ୍ପଣୀ

**୫) ଗୋଟିଏ ବାକ୍ୟ / ସଂକ୍ଷେପରେ ଉତ୍ତର ଦିଅ ।**

କ) କେଉଁ ବିଦ୍ୟାଳୟର ଅନ୍ୟନାମ ଦ୍ୱିତୀୟ ସେମିଷ୍ଟର ବିଦ୍ୟାଳୟ ବୋଲି କୁହାଯାଏ ।

ଖ) ଶିଶୁ ଶ୍ରମିକ ପରିଯୋଜନା ରାଷ୍ଟ୍ରୀୟ ଶିଶୁ ଶ୍ରମିକ ପରିଯୋଜନ ବୋଲି କାହିଁକି କୁହାଯାଏ ।

ଗ) ସାର୍ବଜନୀନ ପ୍ରାଥମିକ ଶିକ୍ଷାକୁ ବିଶ୍ଳେଷଣ କର ଅଥବା ନିଜ ଭାଷାରେ ଲେଖ ।

ଘ) କିଏ ସର୍ବ ପ୍ରଥମେ ମହାରାଷ୍ଟ୍ର ରାଜ୍ୟରେ କୁରଣଶାଳା ପ୍ରତିଷ୍ଠା କରିଥିଲେ ?

ଙ) ଶିକ୍ଷାକର୍ମୀ କାହାକୁ କହନ୍ତି ?

ଚ) ଡି.ପି.ଇ.ପି. ପାଇଁ ପରିସ୍ଥିତି ବିଶ୍ଳେଷଣ ପାଇଁ ତଥ୍ୟ କେଉଁଠୁ ମିଳିପାରିବ ?

**୬)** କ) ୟୁ.ଇ.ଇ. କାହାକୁ କହନ୍ତି ? ଏହାର ବିଭିନ୍ନ ପକ୍ଷ (aspect) ଲେଖ ।

ଖ) ସ୍କୁଲ ମ୍ୟାପିଙ୍ଗ୍ ତଥା ସୂକ୍ଷ୍ମ ଯୋଜନା (Micro Planning) ଲୋକ ଜାମ୍ନିସ୍ୱର ପ୍ରଧାନ କାର୍ଯ୍ୟାତ୍ମକ (Operational feature)ର ନିରୂପଣ କରି ବ୍ୟାଖ୍ୟାକର ।

ଗ) ମୋଟାମୋଟି ନାମଲେଖା ଅନୁପାତ (GER) ର ଅର୍ଥ କ'ଣ ? ଉଦାହରଣ ସହ ଲେଖ ।

ଘ) ଆର୍ଥିକ ଦୃଷ୍ଟିରୁ ପଛୁଆ ପିଲାମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ କେଉଁ ସୁବିଧା ଦିଆଯାଉ ଅଛି ?

ଙ) ବେସିକ୍ ଶିକ୍ଷା ପରିଯୋଜନାର ଅନ୍ତର୍ଗତ ଉତ୍ତରପ୍ରଦେଶ ସରକାର କେଉଁ କେଉଁ କାର୍ଯ୍ୟନୀତ (activities) ପ୍ରଣୟନ କରିଛନ୍ତି ?

ଚ) ବାଳିକା ମାନଙ୍କ ନିମିତ୍ତ ପ୍ରାରମ୍ଭିକ ଶିକ୍ଷା ପାଇଁ କି କି ଯୋଜନା କରାଯାଇଅଛି ?

ଛ) ରାଜସ୍ଥାନର ଶିକ୍ଷାକର୍ମୀ ପରିଯୋଜନାରେ ଶିକ୍ଷାକର୍ମୀଙ୍କର ଭୂମିକା କ'ଣ ଥିଲା ?

ଜ) ସ୍କୁଲ ଅଧାରୁ ଛାଡ଼ିଥିବା ପିଲା (Drop-out children)ଙ୍କ ନିମିତ୍ତ ଉପଲବ୍ଧ ସ୍କିମ୍ ଗୁଡ଼ିକ ଲେଖ ।

ଝ) ଡି.ପି.ଇ.ପି.ର ମୁଖ୍ୟ ଉଦ୍ଦେଶ୍ୟ, ମୁଖ୍ୟ ଘଟକ (component) ତଥା ବିଭିନ୍ନ କାର୍ଯ୍ୟନୀତି (strategies) କ'ଣ କ'ଣ ଅଟେ ।

ଞ) ଡି.ପି.ଇ.ପି.ର UEE ଉପରେ କି କି ପ୍ରଭାବ ରହିଅଛି ?